## ସଂକ୍ଷେପରେ

### ନୂତନ ବିଇଓଙ୍କ ଯୋଗଦାନ



ବଉଁରପାଳ,୩।୮ (ଉପେନ୍ଦ୍ର ରାଉତ)

ବଉଁରପାଳରେ ନୂତନ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ଭାବେ ଜିତେନ୍ଦ୍ର କୁମାର ମିଶ୍ର ଯୋଗଦାନ କରିଛନ୍ତି। ଜିତେନ୍ଦ୍ର ଏହାପୂର୍ବରୁ ବାଉଁଶ ପୋଖରୀ ହାତୁରା ଜନମଙ୍ଗଳ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ସେ କାର୍ଯ୍ୟରେ ଯୋଗ ଦେବା ପରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ସିଆର୍‌ସିସି, ଅଫିସ କର୍ମଚାରୀ ତାଙ୍କୁ ସ୍ୱାଗତ କରିଥିଲେ।

### ଦୁର୍ଘଟଣାରେ ଜଣେ ମୃତ

ମାଧପୁର,୩।୮ (ମନୋଜ ପ୍ରଧାନ)

ଆଠମଲ୍ଲିକ ଥାନା ମାଧପୁର – କମ୍ପଲା ପୂର୍ତ୍ତ ବିଭାଗ ରାସ୍ତାର ରାଇସମିଲ ନିକଟରେ ଗୁରୁବାର ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ କମ୍ପଲା ଗ୍ରାମର ସନ୍ତୋଷ ଭୋକ୍ତାଙ୍କ ମୃତ୍ୟୁ ହୋଇଛି। ସନ୍ତୋଷ ତାଙ୍କ ପୁଅ ସୁବାସ ଭୋକ୍ତା (୨୫)ଙ୍କ ସହିତ ବାଇକ୍ ଯୋଗେ ମାଧପୁର ଅଭିମୁଖେ ଯାଉଥିବା ବେଳେ ଦୁର୍ଘଟଣା ଘଟିଥିଲା। ଖବରପାଇ ଆଠମଲ୍ଲିକ ପୋଲିସ ତଦନ୍ତ କରିଛି।

# ପାଣି ଘେରରୁ ୫ ଶହ ସ୍ଥାନାନ୍ତର

ଥମିଯାଇଛି ବର୍ଷା। ବନ୍ଦ ହୋଇଛି ବିଭିନ୍ନ ଡ୍ୟାମ୍‌ର ଗେଟ୍। ହେଲେ କମିନାହିଁ ବର୍ଷା ଓ ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା। ପ୍ରଶାସନ ପକ୍ଷରୁ ବୋଟ ମାଧ୍ୟମରେ ସେମାନଙ୍କୁ ଉଦ୍ଧାର କରାଯାଇଛି। ରନ୍ଧା, ଶୁଖିଲା ଖାଦ୍ୟ ପ୍ରଦାନ କରାଯାଉଛି। ହେଲେ କିଏ ଭାଙ୍ଗି ଯାଇଥିବା ଘରକୁ ନେଇ ତ ଆଉ କିଏ ଫସଲ ହରାଇ ପଡ଼ିଛନ୍ତି ଚିନ୍ତାରେ।

ଅନୁଗୋଳ, ୩।୮
(ଅମିତ କୁମାର ସାମଲ)



ବନ୍ୟା ପଶି ପଶିବା ପରେ ଅନୁଗୋଳ ବ୍ଲକ ଟିକରପଡ଼ା ପଞ୍ଚାୟତର ଲୋକେ ଘର ଛାଡ଼ି ଅସ୍ଥାୟୀ ଶିବିରକୁ ଯାଉଛନ୍ତି।

- ବର୍ଷା ବିପୃତି ପରେ ଜଳବନ୍ଦୀ ଲୋକଙ୍କୁ ସହାୟତା
- ବିପନ୍ନଙ୍କୁ ପ୍ରଶାସନ ପକ୍ଷରୁ ରନ୍ଧା, ଶୁଖିଲା ଖାଦ୍ୟ ବଣ୍ଟନ
- ଜିଲାରେ ଆଂଶିକ କ୍ଷତି ହୋଇଛି ୫୬୩ ଘର
- ଚାଷ ଜମିରେ ଫସଲ ନଷ୍ଟର ଆକଳନ କରାଯାଉଛି

ଅନୁଗୋଳ ଜିଲାରେ ବର୍ଷା ବିପୃତି ପରେ ବଢ଼ିଯାଇଛି ବିପନ୍ନଙ୍କ ଦୁଃଖ। ବିଶେଷକରି ଆଠମଲ୍ଲିକ ଓ ଟିକରପଡ଼ାର ବନ୍ୟା ବିପନ୍ନଙ୍କୁ ଉଦ୍ଧାର, ଥଇଥାନ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ସେହିପରି ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ପାଣି ଘେରରେ ଥିବା ଲୋକଙ୍କୁ ସହାୟତା ପ୍ରଦାନ କରାଯାଉଛି। ଇତିମଧ୍ୟରେ ପ୍ରାୟ ୫ଶହ ଲୋକଙ୍କୁ ଉଦ୍ଧାର କରାଯାଇ ଅସ୍ଥାୟୀ ଶିବିରରେ ଥଇଥାନ କରାଯାଇଛି। ସେହିପରି କେତେ ଘର ଭାଙ୍ଗିଛି, ଫସଲ କ୍ଷତିଗ୍ରସ୍ତ ହୋଇଛି ତାହାର ମଧ୍ୟ ଆକଳନ କରାଯାଉଛି। ସ୍ଥିତି ଉପରେ ସମ୍ପୂର୍ଣ୍ଣ ନଜର ରଖାଯାଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

ପ୍ରକାଶ ଯେ, ଲଗାଣ ବର୍ଷା ଯୋଗୁ ଅନୁଗୋଳ ସହର ସମେତ ଜିଲାର ବିଭିନ୍ନ ତଳି ଅଞ୍ଚଳରେ ଜଳାର୍ଣ୍ଣବ ପରିସ୍ଥିତି ସୃଷ୍ଟି ହୋଇଛି। ଏଥିସହ ମହାନଦୀର ଜଳସ୍ତର ବୃଦ୍ଧି ଯୋଗୁ ଆଠମଲ୍ଲିକ ଓ ଅନୁଗୋଳ ବ୍ଲକର ଅନେକ ଗାଁ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଆଠମଲ୍ଲିକର ମହାନଦୀ ଭିତରେ ଥିବା କୁଦଗାଁରୁ ଲୋକଙ୍କୁ ଉଦ୍ଧାର କରାଯାଉଛି। ଏହି ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆର୍‌ଏଫ ଓ ଓଡ୍ରାଫ୍ ଏବଂ ଅଗ୍ନିଶମ ଟିମ୍‌କୁ ନିୟୋଜିତ କରାଯାଇଛି। ଟିକରପଡ଼ାଠାରେ ମହାନଦୀ ଫୁଲିଥିବାରୁ ବନ୍ୟାଜଳ ସ୍ଥାନୀୟ ଅଞ୍ଚଳବାସୀଙ୍କ ଘରେ ପଶିଯାଇଛି। ଫଳରେ ଟିକରପଡ଼ା ପଞ୍ଚାୟତର ୫ଟି ଗାଁର ଲୋକଙ୍କୁ ଉଦ୍ଧାର କରାଯାଇ ସ୍ଥାନୀୟ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଥଇଥାନ କରାଯାଇଛି। ସେମାନଙ୍କୁ ରନ୍ଧା ଓ ଶୁଖିଲା ଖାଦ୍ୟ, ଟ୍ୟାଙ୍କର ପାଣି ପ୍ରଦାନ କରାଯାଉଛି। ଜିଲାରେ ପ୍ରାୟତଃ ୫ଶହ ଲୋକଙ୍କୁ ଖାଦ୍ୟ ପ୍ରଦାନ କରାଯାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ସେହିଭଳି ତାଳଚେର ଅଞ୍ଚଳରେ ମଧ୍ୟ କିଛି ଲୋକ ପାଣି ଘେରରେ ରହିଛନ୍ତି। ସେମାନଙ୍କ ନିକଟରେ ମଧ୍ୟ ରନ୍ଧା ଖାଦ୍ୟ ଓ ଶୁଖିଲା ଖାଦ୍ୟ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପହଞ୍ଚାଇଛନ୍ତି। ଅନ୍ୟପକ୍ଷରେ ଲଗାଣ ବର୍ଷା ଓ ବନ୍ୟା ଯୋଗୁ ଚାଷ କାର୍ଯ୍ୟ କ୍ଷତିଗ୍ରସ୍ତ ହୋଇଛି। ଚାଷ ଜମିରେ ପାଣି ଛିଡ଼ା ହୋଇ ରହିଥିବାରୁ ଚାଷୀକୁଳ ହତାଶ ହୋଇପଡ଼ିଛନ୍ତି। ଧାନ ଚାଷ କାର୍ଯ୍ୟ ବର୍ଷା ଅଭାବରୁ ବିଳମ୍ବରେ ଆରମ୍ଭ ହୋଇଥିବାବେଳେ ଏବେ ଲଗାଣ ବର୍ଷା ତାହାକୁ ଉଜାଡ଼ି ଦେଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ପନିପରିବା ଚାଷ କରିଥିବା ଚାଷୀମାନେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। କେବଳ ଆଠମଲ୍ଲିକ ବ୍ଲକରେ ୧ ହଜାର ୨୦ ହେକ୍ଟର ଜମିରେ ଚାଷ କ୍ଷତିଗ୍ରସ୍ତ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଅନ୍ୟ ବ୍ଲକରେ କ୍ଷୟକ୍ଷତି ଆକଳନ ଚାଲିଛି। ଜିଲାରେ ୫୬୩ଟି ଘର ଆଂଶିକ କ୍ଷତି ହୋଇଥିବା ପ୍ରାଥମିକ ରିପୋର୍ଟ ପ୍ରଶାସନର ହସ୍ତଗତ ହୋଇଛି। ସମ୍ପୂର୍ଣ୍ଣ ଭାବେ କେତେଘର ନଷ୍ଟ ହୋଇଛି ତାହାର ଆକଳନ କରାଯାଉଛି। ସନ୍ଧ୍ୟା ସୁଦ୍ଧା ଜିଲାରେ କ୍ଷତିଗ୍ରସ୍ତଙ୍କ ମଧ୍ୟରୁ ୩୪୫ ଜଣଙ୍କୁ ପଲିଥିନ ବଣ୍ଟନ କରାଯାଇଛି। ତେବେ ମହାନଦୀରେ ଜଳସ୍ତର ଖସୁଥିବାରୁ ପ୍ରଶାସନ ସାମାନ୍ୟ ଆଶ୍ୱସ୍ତ ପ୍ରକାଶ କରିଛି। ମାନଜୋର ଡ୍ୟାମ୍‌ର ଖୋଲିଥିବା ୬ଟି ଫାଟକ, ଡେରେଜାଙ୍ଗରେ ଖୋଲାଥିବା ୩ଟି ଫାଟକକୁ ବନ୍ଦ କରାଯାଇଥିବା ଜଳସେଚନ ବିଭାଗ ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ସୁବ୍ରତ ନାୟକ ସୂଚନା ଦେଇଛନ୍ତି। ଟିକରପଡ଼ା ଅଞ୍ଚଳରେ ବନ୍ୟା ପରିସ୍ଥିତିରେ ନିୟନ୍ତ୍ରଣରେ ଥିବା ଅନୁଗୋଳ ଉପଜିଲାପାଳ ବରେଣ୍ୟନ୍ଦୁ ମହାନ୍ତି ସୂଚନା ଦେଇଛନ୍ତି। ସେ କହିଛନ୍ତି, ପରିସ୍ଥିତି ଉପରେ ସମ୍ପୂର୍ଣ୍ଣ ନଜର ରଖାଯାଇଛି। ଲୋକଙ୍କୁ ଶୁଖିଲା ଓ ରନ୍ଧାଖାଦ୍ୟ ପ୍ରଦାନ କରାଯାଉଛି। ଜଳବନ୍ଦୀରେ ଥିବା ଲୋକଙ୍କୁ ଜଙ୍ଗଲ ବିଭାଗର ବୋଟ୍ ସାହାଯ୍ୟରେ ଉଦ୍ଧାର କରାଯାଇଛି। ଆବଶ୍ୟକ ପଡ଼ିଲେ ଓଡ୍ରାଫ୍ ଟିମ୍‌ର ସହଯୋଗ ଲୋଡ଼ାଯିବ। ଏଥିସହ ସ୍ୱାସ୍ଥ୍ୟଗତ ସମସ୍ୟା ପାଇଁ ଫାର୍ମାସିଷ୍ଟ ଓ ଡାକ୍ତରୀ ଟିମ୍ ସେଠାରେ ଉପସ୍ଥିତ ରହିଛନ୍ତି।

## କ୍ଷତିଗ୍ରସ୍ତଙ୍କୁ ଜରିପାଲ ପ୍ରଦାନ

କାମାକ୍ଷାନଗର, ୩।୮ (ଅମଜାଦ୍ ଖାନ୍)

ଲଘୁଚାପଜନିତ ଲଗାଣବର୍ଷାରେ ପ୍ରଭାବିତ ହୋଇଛି ସାଧାରଣ ଜୀବନଯାତ୍ରା। ଜଳବନ୍ଦୀ ଅବସ୍ଥାରେ ଅନେକ ପରିବାର ଅଛନ୍ତି। ଅନେକଙ୍କ ଚାଳ ଛପର ଘର ଭାଙ୍ଗିଯାଇଛି। ଗରିବ ଖଟିଖିଆ ଶ୍ରେଣୀର ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଦିବାସୀ ଅଧ୍ୟୁଷିତ କଙ୍କଡ଼ାହାଡ଼ ବ୍ଲକ ବାଟଗାଁ ପଞ୍ଚାୟତ ତଣ୍ଡିମୁଣ୍ଡା ଗ୍ରାମର ଗୁରୁ ବେହେରା, ମାନସ ସିଂ, ଢୋଲପଶିର ମୁଜ ସିଂ, ସାବିତ୍ରୀ ସିଂ, ବ୍ରାହ୍ମଣିଆ ଗ୍ରାମର କୀର୍ତ୍ତନ ପାତ୍ରଙ୍କ ଚାଳଘର ଭାଙ୍ଗିଯାଇଛି। ସୂଚନା ପାଇ ସରପଞ୍ଚ ରୋଜିନା ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ଆର୍‌ଆଇ, ସରପଞ୍ଚଙ୍କ ପ୍ରତିନିଧି ନରେନ୍ଦ୍ର ସ୍ୱାଇଁ ପ୍ରମୁଖ ଘଟଣାସ୍ଥଳ ପରିଦର୍ଶନ କରି ସମ୍ପୃକ୍ତ ପରିବାକରୁ ଜରିପାଲ ଯୋଗାଇ ଦେଇଛନ୍ତି।



କ୍ଷତିଗ୍ରସ୍ତଙ୍କୁ ଜରିପାଲ ପ୍ରଦାନ କରାଯାଉଛି।

# କୃଷିକ୍ଷେତ୍ରରେ ଉନ୍ନତ ଜ୍ଞାନକୌଶଳ ପ୍ରୟୋଗ କର

ଢେଙ୍କାନାଳ, ୩।୮ (ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକସ୍ଥିତ ସଦେଇବେରେଣୀ–ନବଜୀବନପୁର କଳାକୃତି ଗ୍ରାମ ସଭାଗୃହରେ ଜିଲାସ୍ତରୀୟ କୃଷି ନିର୍ଦ୍ଧାରଣ କମିଟି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସରୋଜ କୁମାର ସେଠୀ ବୈଠକରେ ଅଧ୍ୟକ୍ଷତା କରି କହିଲେ, ଉନ୍ନତ ଜ୍ଞାନକୌଶଳ ବ୍ୟବହାର କରି ଚାଷ କଲେ ଅଧିକ ଲାଭ ମିଳିବ। ଚାଷର ବିକାଶ ଲାଗି ରାଜ୍ୟ ସରକାର ଅନେକ ଯୋଜନା କରିଛନ୍ତି। ଏ ଦିଗରେ ଚାଷୀଙ୍କୁ ସଚେତନ କରାଇବା ଦାୟିତ୍ୱ କୃଷି ବିଭାଗର। ଏଥିପ୍ରତି ଯତ୍ନବାନ ହେବାକୁ ସେ ବିଭାଗୀୟ ଅଧିକାରୀଙ୍କୁ କହିଛନ୍ତି। ଏଥିସହ ଚାଷ କ୍ଷେତ୍ରରେ ମିଶନ ଶକ୍ତି ମହିଳା କିପରି ଅଂଶୀଦାର ହୋଇପାରିବେ ସେ ଦିଗରେ ପଦକ୍ଷେପ ନେବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି।

ଆଗାମୀ କୃଷି କାର୍ଯ୍ୟକ୍ରମ ସମ୍ପର୍କରେ ଜିଲା ମୁଖ୍ୟ କୃଷି ଅଧିକାରୀ ଜ୍ୟୋତିର୍ଦୀପ୍ତ ପଟ୍ଟନାୟକ ସୂଚନା ଦେଇଛନ୍ତି। ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟ କୁମାର ମହାପାତ୍ରଙ୍କ ସମେତ କୃଷି ବିଭାଗ ଅଧିକାରୀ ଯୋଗଦେଇଥିଲେ। ଏହି ଉପଲକ୍ଷେ କୃଷି ବିଭାଗର ସଫଳତା କର୍ଯ୍ୟକ୍ରମ ପାୱାର ପଏଣ୍ଟ ମାଧ୍ୟମରେ ପ୍ରଦର୍ଶିତ ହୋଇଥିଲା।



ଜିଲାସ୍ତରୀୟ କୃଷି ନିର୍ଦ୍ଧାରଣ କମିଟି ବୈଠକ।

# କୁଦଗାଁରୁ ୧୬୩ ଜଣ ଅସ୍ଥାୟୀ ଶିବିରରେ

ମାଧପୁର,(ମନୋଜ ପ୍ରଧାନ)/
ଆଠମଲ୍ଲିକ,୩।୮ (ଉଦୀପ୍ତ ପୁରୋହିତ)



ମହାନଦୀ ବନ୍ୟା ପାଣି ଘେରରେ ଥିବା ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ କୁଦଗାଁ ଗ୍ରାମର ୧୬୩ ଜଣଙ୍କୁ ଅସ୍ଥାୟୀ ଶିବିରକୁ ସ୍ଥାନାନ୍ତର କରାଯାଇଛି। ଆଠମଲ୍ଲିକ ଉପଜିଲାପାଳ ତରଣୀ ସୁନା, ତହସିଲଦାର ଯଶୋବନ୍ତ ଦେହୁରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌଭାଗ୍ୟ ବେହେରା, ଅତିରିକ୍ତ ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ, ଆଠମଲ୍ଲିକ ଥାନା ସବ୍‌ଇନ୍ସପେକ୍ଟର ବ୍ରହ୍ମାନନ୍ଦ ସାହୁ କୁଦଗାଁ ନଦୀକୂଳରେ ପହଞ୍ଚି ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିଥିଲେ।

କୁଦଗାଁ ଟାପୁରେ ୩୧୫ ଜଣ ବସବାସ କରୁଥିବା ବେଳେ ବନ୍ୟା ସ୍ଥିତି ସମ୍ପର୍କରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଜିଲା ପ୍ରଶାସନକୁ ଅବଗତ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଗତ ବୁଧବାର ଗର୍ଭବତୀ ମହିଳା ଓ ଛୋଟପିଲାଙ୍କ ସମେତ ୧୦ ଜଣଙ୍କୁ ଉଦ୍ଧାର କରାଯାଇ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟକୁ ପଠାଯାଇଥିଲା। ଏହାପରେ ଗୁରୁବାର ସକାଳେ ମୁଣ୍ଡଳୀସ୍ଥିତ ୩ୟ ବାଟାଲିୟନ ଏନଡିଆର୍‌ଏଫ୍, ଓଡ୍ରାଫ୍ ଟିମ୍ ଓ ସ୍ଥାନୀୟ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ୧୬୩ ଜଣଙ୍କୁ ଗାଁରୁ ପଞ୍ଚାୟତ କାର୍ଯ୍ୟାଳୟକୁ ପଠାଇଥିଲେ। ଗାଁ ଛାଡ଼ି ଯିବାକୁ ଚାହୁଁ ନ ଥିବା ଲୋକଙ୍କୁ ଉପଜିଲାପାଳ, ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସହ ସ୍ଥାନୀୟ ସରପଞ୍ଚ ସିଦ୍ଧାର୍ଥ କ୍ଷେତି ଓ ସମାଧାନ ସ୍ୱେଚ୍ଛାସେବୀ ସଙ୍ଗଠନ ସମ୍ପାଦକ ବିନୟ କୁମାର ପଟ୍ଟନାୟକ ବୁଝାଶୁଝା କରିଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ସେମାନଙ୍କ ପାଇଁ ରନ୍ଧାଖାଦ୍ୟ, ପାନୀୟ ଓ ରହିବା ବ୍ୟବସ୍ଥା କରାଯାଇଛି। ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ସନ୍ଧ୍ୟାରେ ଥଇଥାନ ସ୍ଥଳକୁ ଉପଜିଲାପାଳ ସୁନା, ତହସିଲଦାର ଦେହୁରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବେହେରା ଓ ଅତିରିକ୍ତ ତହସିଲଦାର ବିଶ୍ୱାଳ ଗସ୍ତକରି ପରିସ୍ଥିତି ଅନୁଧ୍ୟାନ କରିଥିବା ଜଣାଯାଇଛି । ଅନ୍ୟପକ୍ଷରେ ମହାନଦୀର ଜଳପତନ ହ୍ରାସ ପାଉଥିବାରୁ କିଆକଟାରୁ ବିନିକେୟୀ ପର୍ଯ୍ୟନ୍ତ ୧୩ଟି ପଞ୍ଚାୟତ ଓ ଏନଏସି ଅଞ୍ଚଳର ଅଧିବାସୀମାନେ ସାମାନ୍ୟ ଆଶ୍ୱସ୍ତ ହୋଇଛନ୍ତି। ଜାମୁଡୋଲୀ ପଞ୍ଚାୟତର ଚଣାଗୁଡ଼ି ସେତୁ ଉପରେ ବୁଧବାର ୩ ଫୁଟ ଉଚ୍ଚର ବନ୍ୟାଜଳ ପ୍ରବାହିତ ହୋଇଥିଲା ବେଳେ ଗୁରୁବାର ସେଠାରେ ଯାତାୟାତ ସ୍ୱାଭାବିକ ହୋଇଥିବା ସରପଞ୍ଚ ସୁଦର୍ଶନ ଗାଇଗରିଆ ପ୍ରକାଶ କରିଛନ୍ତି।

# ଆଉଁଳି ପୋଲ ପାର୍ଶ୍ୱ ଘାଇ ମରାମତି ଆରମ୍ଭ

ଛେଣ୍ଡିପଦା,୩।୮ (ଅଜିତ ଧଳ)

ଲଗାଣ ବର୍ଷା ଯୋଗୁ ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକର ଅନେକ ସ୍ଥାନରେ ଜଳବନ୍ଦୀ ଅବସ୍ଥା ସୃଷ୍ଟି ହୋଇଛି। ବହୁ ସ୍ଥାନରେ ଘାଇ ହୋଇଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଗଡ଼ମଣ୍ଡଳ ଭଙ୍ଗପାଳଠାରେ ଥିବା ଆଉଁଳି ନାଳ ପୋଲ ପାର୍ଶ୍ୱରେ ୧୫ ଫୁଟରୁ ଅଧିକ ଘାଇ ହୋଇଥିବା ବେଳେ ତାହାକୁ ଗୁରୁବାର ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯାଉଛି। ଏହି ଘାଇ ଯୋଗୁ ଛେଣ୍ଡିପଦା ଠାରୁ ନୂଆଗାଁ ଓ କଣଲୋଇ ସମେତ ସମ୍ବଲପୁର, ଦେବଗଡ ଜିଲାର କେତେକ ଅଞ୍ଚଳକୁ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ରହିଛି। ଅନୁଗୋଳ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଆଉଁଳି ନଦୀ ପୋଲ ପାର୍ଶ୍ୱ ଘାଇସ୍ଥଳ ପରିଦର୍ଶନ କରିବା ସହିତ ତୁରନ୍ତ ମରାମତି କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଓଗି ପଞ୍ଚାୟତର



ଆଉଁଳି ନାଳ ପୋଲ ପାର୍ଶ୍ୱ ଘାଇ ମରାମତି କରାଯାଉଛି।

ବିଭିନ୍ନ ସ୍ଥାନରେ ରାସ୍ତା ଧୋଇ ଯାଇଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ବ୍ରାହ୍ମଣବିଲ ପଞ୍ଚାୟତର ଥଳିପଶି ଗ୍ରାମରେ ପାଣି ପଶିଯିବାରୁ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କୋଶଳା ୫–ଟି ଉଚ୍ଚବିଦ୍ୟାଳୟର ଏକଶହ ମିଟରରୁ ଅଧିକ ପାଚେରି ଭୁଶୁଡି ପଡିଛି। ଟାଙ୍ଗିରି ଗ୍ରାମର ପବିତ୍ର ଧଳ, ବାରମଞ୍ଜା ଗ୍ରାମର ଚିତ୍ର ସେନ ମାଝି, ଦଣ୍ଡଧର ମାଝି, ବିଶି ମାଝି, କୁନୁ ମୁଖୀ, ସୁମନ୍ତ ସାହୁ, ସରପାଳ ଗ୍ରାମର ସର୍ବେଶ୍ୱର ମାଝି, ନୂଆପଡାର ସୁରେନ୍ଦ୍ର ବେହେରା, ପଙ୍କଜ ସାହୁ, ନାଣ୍ଡିଛୋଡ ଗ୍ରାମର ବିନୋଦ ଗଡ଼ନାୟକ, ଡେଉଁରିଆଝରଣ ଗ୍ରାମର କୁଶଧ୍ୱଜ ବେହେରା, କରୁଣାକର ଗଡ଼ନାୟକ, ସୁମନ୍ତ ନାଏକ, ଭୋଳେଶ୍ୱର ନାଏକ, ହଳଧର ନାଏକ, ନିର୍ମଳ ନାଏକ, ରବି ନାଏକ, ହାଡିବନ୍ଧୁ ନାଏକ, କାଶୀନାଥ ବେହେରା, ଘୁଣ୍ଟୁଲିପଶି ଗ୍ରାମର ରଞ୍ଜନ କୁମାର ନାଏକ, ପ୍ରତାପ ନାଏକ, ହର ନାଏକ, ପର ନାଏକ, ବସନ୍ତପୁର ଗ୍ରାମର ସଞ୍ଜୟ କୁମାର ସାହୁଙ୍କ ସମେତ ବ୍ଲକର ୩୪ଟି ପଞ୍ଚାୟତରେ ପ୍ରାୟ ୬୦୦ରୁ ଅଧିକ ଘର ଭାଙ୍ଗିଥିବା ଅଭିଯୋଗ ହେଉଛି। ତେବେ ପ୍ରଶାସନର ପ୍ରାରମ୍ଭିକ ତଦନ୍ତରୁ ୧୬ ଜଣଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ବେଳେ ୧୧୭ ଜଣଙ୍କ ଘର ଆଂଶିକ ଭାଙ୍ଗିଥିବା ଜଣାପଡିଛି। କମ୍ପସଲା ଓ ଟାଙ୍ଗିରି ପଞ୍ଚାୟତର ୧୫ ଜଣ ଘର ହରାଇ ବେସାହାରା ହୋଇଯାଇଥିବାରୁ ସେମାନଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ନିକଟସ୍ଥ ଅଙ୍ଗନୱାଡି କେନ୍ଦ୍ରରେ ରନ୍ଧା ଖାଦ୍ୟ ଦିଆଯାଇଥିଲା। ସେହିପରି ଘରେ ପାଣି ପଶିଯିବାରୁ ଓଗୀ ପଞ୍ଚାୟତର ୩୧ଜଣଙ୍କୁ ନିକଟସ୍ଥ ଅଙ୍ଗନୱାଡି କେନ୍ଦ୍ରରେ ରନ୍ଧା ଖାଦ୍ୟ ଦିଆଯାଇଛି। ତୁରନ୍ତ କ୍ଷୟକ୍ଷତି ରିପୋର୍ଟ ଦେବାକୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁଠି ରାସ୍ତା ଧୋଇଯାଇ ଯାତାୟାତରେ ଅସୁବିଧା ହେଉଛି ସେଠାରେ ତୁରନ୍ତ ମରାମତି କାର୍ଯ୍ୟ କରାଯିବ ବୋଲି ବିଡିଓ ତ୍ରିବିକ୍ରମ କୁମରା ପ୍ରକାଶ କରିଛନ୍ତି ।



ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ କାଶୀପୁର ପଞ୍ଚାୟତ ଅଞ୍ଚଳ ଦେଇ ପ୍ରବାହିତ ବ୍ରାହ୍ମଣୀ ନଦୀ ଟାପୁରେ ଚୋରା ମଦ ରନ୍ଧାଯାଉଛି। ଗତ ବୁଧବାର ନଦୀରେ ବନ୍ୟାପାଣି ପ୍ରବାହିତ ହେଉଥିବାବେଳେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ମଦ ଜବତ କରାଯାଇଛି। (ଫଟୋ–ରତନ)

# ମଙ୍ଗଳା କୋଠି ଘଟଣାକୁ ନେଇ ଭୟଭୀତ ହୁଅ ନାହିଁ

## ଶାନ୍ତିପୁର ଗ୍ରାମବାସୀଙ୍କୁ ସଚେତନ କଲା ପ୍ରଶାସନ

ବଇଣ୍ଡା,୩।୮ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଆକଟା ଥାନା ବାସୁଦେବପୁର ପଞ୍ଚାୟତ ସୁବର୍ଣ୍ଣପୁରର ନାବାଳକ ସଞ୍ଜୀବ ବିଶ୍ୱାଳଙ୍କୁ ବଳି ଦିଆଯାଇଥିବା ସନ୍ଦେହ ଦୃଢ଼ୀଭୂତ ହେଉଥିବାରୁ ପଞ୍ଚାୟତର ଅନେକ ଅଭିଭାବକ ପିଲାଙ୍କ ସୁରକ୍ଷାକୁ ନେଇ ଭୟଭୀତ ହୋଇପଡ଼ିଛନ୍ତି। ଏହା ଜଣାପଡ଼ିବା ଆଠମଲ୍ଲିକ ପରେ ପ୍ରଶାସନ ପକ୍ଷରୁ ଲୋକଙ୍କ ଭିତରେ ଥିବା ଏହି ଭୟ ଦୂର କରିବା ପାଇଁ ପଞ୍ଚାୟତର ବିଭିନ୍ନ ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ ମାନ କରାଯାଉଛି। ଗୁରୁବାର ସିଡିପିଓଙ୍କ କାର୍ଯ୍ୟାଳୟ ପକ୍ଷରୁ ଶାନ୍ତିପୁର ଗ୍ରାମରେ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଏମ୍‌ବିକେ ସାଧବାଣୀ ସାହୁ, ସିଆର୍‌ପି ଅମୃତି ବେହେରା, ଅଙ୍ଗନୱାଡି କର୍ମୀ ସବିତା ମହାନ୍ତି, କୃଷି ମିତ୍ର ରଶ୍ମିତା ପ୍ରଧାନଙ୍କ ସମେତ ଗ୍ରାମବାସୀ ଯୋଗ ଦେଇଥିଲେ। ଏଥିରେ କୁହାଯାଇଥିଲା ଯେ, ଟୁସର ମଙ୍ଗଳା କୋଠିରେ ଘଟିଥିବା ଘଟଣାକୁ ନେଇ କେହି ଭୟଭୀତ ହୁଅନ୍ତୁ ନାହିଁ। ଅନ୍ଧ ବିଶ୍ୱାସକୁ ନେଇ କେହି କୌଣସି ଗୁଣିଆ ପାଖକୁ ଯାଆନ୍ତୁ ନାହିଁ। ସ୍ୱାସ୍ଥ୍ୟ ଖରାପ ହେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଆନ୍ତୁ ବୋଲି ଅଧିକାରୀମାନେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମର ଅନେକ ମହିଳା ପୁରୁଷମାନେ ଉପସ୍ଥିତ ଥିଲେ।



ଶାନ୍ତପୁର ଗ୍ରାମରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମ।

## ବଦଳିଲେ ଜିଲା ଶିକ୍ଷା ଅଧିକାରୀ

ଅନୁଗୋଳ, ୩।୮ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁଙ୍କ ବଦଳି ହୋଇଛି। ତାଙ୍କୁ ଓଡିଇର ଯୁଗ୍ମ ନିର୍ଦ୍ଦେଶକ କରାଯାଇଛି। ତାଙ୍କ ସ୍ଥାନରେ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ)ରେ କାର୍ଯ୍ୟରତ ସସ୍ମିତା ସାହୁଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି।



ସୂଚନାଯୋଗ୍ୟ, ନିରଞ୍ଜନ ସାହୁ ଅନୁଗୋଳ ଜିଲା ଶିକ୍ଷା ଅଧିକାରୀ ଭାବେ ୨୦୨୧ ମର୍ସିହାରେ ଯୋଗଦେବା ପରେ ଜିଲାରେ ନକଲି ଶିକ୍ଷକଙ୍କ ଖୋଳତାଡ଼ ଆରମ୍ଭ ହୋଇଥିଲା। ଏହି ଘଟଣାରେ କେତେଜଣ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା।

## ନାବାଳକଙ୍କୁ ବଳି ସନ୍ଦେହ ଘଟଣା

# ପୋଲିସର ହସ୍ତଗତ ହେଲା ଏଫ୍‌ଏମ୍‌ଟି ରିପୋର୍ଟ

ଅନୁଗୋଳ, ୩।୮ (ଅମିତ କୁମାର ସାମଲ)

- ବେକରେ ରହିଛି କ୍ଷତ ଚିହ୍ନ
- ପରୀକ୍ଷା ପାଇଁ ଗଲା ଚର୍ମ
- ସାଇଣ୍ଟିଫିକ ରିପୋର୍ଟ ଆସିବା ପରେ ରହସ୍ୟ ଖୋଲିବ

ଅନୁଗୋଳ ଜିଲା କିଆକଟା ଥାନା ବାସୁଦେବପୁର ପଞ୍ଚାୟତ ସୁବର୍ଣ୍ଣପୁର ଗ୍ରାମର ନାବାଳକ ସଞ୍ଜୀବ ବିଶ୍ୱାଳ(୧୩)ଙ୍କୁ ବଳି ଦିଆଯାଇଥିବା ଅଭିଯୋଗର ତଦନ୍ତ ଜାରି ରହିଥିବା ବେଳେ କଟକ ବଡ଼ମେଡିକାଲସ୍ଥିତ ଫୋରେନଶିକ ମେଡିଶିନ ଟକ୍ସିକୋଲୋଜି (ଏଫ୍‌ଏମ୍‌ଟି)ର ରିପୋର୍ଟ ବୁଧବାର ପୋଲିସର ହସ୍ତଗତ ହୋଇଛି। ଏହି ଏଫ୍‌ଏମ୍‌ଟି ରିପୋର୍ଟରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରହିଛି। ମୃତ ନାବାଳକଙ୍କ ବେକରେ ରଶି ଜନିତ କ୍ଷତ ଚିହ୍ନ ଥିବା ଉଲ୍ଲେଖ ଥିବାବେଳେ ଅଧିକ ପରୀକ୍ଷା ପାଇଁ ମୃତଦେହର କିଛି ଚର୍ମ କଟକ ବଡ଼ମେଡିକାଲ ଏଫଏମ୍‌ଟିକୁ ପଠାଇଯାଇଛି। ଏହି ଚର୍ମ ପରୀକ୍ଷା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ। ତେବେ ସାଇଣ୍ଟିଫିକ୍ ଟିମ୍‌ର ରିପୋର୍ଟ ଆସିବା ପରେ ଉଭୟ ରିପୋର୍ଟକୁ ମେଳ କରାଯାଇ ରହସ୍ୟ ଉନ୍ମୋଚନ କରାଯିବ। ଅନ୍ୟପକ୍ଷରେ ପୋଲିସ ଟୁସର ଗ୍ରାମର କେତେଜଣ ଲୋକଙ୍କୁ ପଚରା ଉଚରା କରିବ। ପାଖାପାଖି ୧୦ ଜଣଙ୍କୁ ପଚରାଉଚରା କରିବାକୁ ପୋଲିସ ଲକ୍ଷ୍ୟ ରଖିଛି। ଏ ସମ୍ପର୍କରେ ଏସ୍‌ପି ସୁଧାଂଶୁ ଶେଖର ମିଶ୍ର କହିଛନ୍ତି,



ଏଫ୍‌ଏମ୍‌ଟି ରିପୋର୍ଟ ଆସିଛି। ସାଇଣ୍ଟିଫିକ୍ ଟିମ୍ ରିପୋର୍ଟ ଆସିନାହିଁ। ଅଧିକ ତଦନ୍ତ ପାଇଁ ଚର୍ମ ପରୀକ୍ଷା କରିବାକୁ ପଠାଯାଇଛି। ସମସ୍ତ ରିପୋର୍ଟ ମିଳିବା ପରେ ନାବାଳକଙ୍କ ବଳି ଅଭିଯୋଗ ମାମଲା ଉପରୁ ପରଦା ହଟିବ।

## ଚୋରି ଅଭିଯୁକ୍ତ ଗିରଫ

ବଅଁରପାଳ,(ଉପେନ୍ଦ୍ର ରାଉତ): ବଅଁରପାଳ ଥାନା ପିଙ୍ଗୁଆ ଗ୍ରାମର ଦେବାଶିଷ ଭୁତିଆଙ୍କ ଘରୁ ଚୋରି ଉଦ୍ୟମ କରୁଥିବାବେଳେ ଜଣେ ଯୁବକଙ୍କୁ ସ୍ଥାନୀୟ ଲୋକେ କାବୁ କରିଛନ୍ତି। ସେ ହେଲେ ଗୋତମରା ଗ୍ରାମର ଚତୁର୍ଭୁଜ ନାୟକ(୪୦)। ପୋଲିସ କହିଛି, ଚତୁର୍ଭୁଜ ବୁଧବାର ରାତିରେ ଦେବାଶିଷଙ୍କ ଘରେ ପଶି ଚୋରି ଉଦ୍ୟମ କରୁଥିବାବେଳେ ଧରାପଡ଼ିଥିଲେ। ଦେବାଶିଷଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୨୯୨/୨୩ରେ ମାମଲା ରୁଜୁ କରି ଚତୁର୍ଭୁଜଙ୍କୁ ଗିରଫ କରିଛି।

## ଜନଆନ୍ଦୋଳନ ତୀବ୍ରତର କରିବାକୁ ଆହ୍ୱାନ

ଅନୁଗୋଳ, ୩।୮(ଅମିତ ସାମଲ)

ମାର୍କ୍ସବାଦୀ ନୀତିରେ ଅନୁପ୍ରାଣିତ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ସଙ୍ଗଠନର ପ୍ରତିଷ୍ଠାତା ସାଧାରଣ ସମ୍ପାଦକ ଶିବଦାସ ଘୋଷଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ବର୍ଷବ୍ୟାପୀ ଚାଲିଥିବା କାର୍ଯ୍ୟକ୍ରମ ଆସନ୍ତା ଅଗଷ୍ଟ ୫ରେ ଉଦ୍‌ଯାପିତ ହେବ। କୋଲକାତା ବ୍ରିଗେଡ୍ ପରେଡ୍ ଗ୍ରାଉଣ୍ଡରେ ହେବାକୁ ଥିବା ଏହି ସର୍ବଭାରତୀୟ ଉଦ୍‌ଯାପନୀ ସଭାରେ ଓଡ଼ିଶାରୁ ୨୦ ହଜାର ଚାଷୀ, ମୂଲିଆ, ଶ୍ରମିକ, ଛାତ୍ରୀଛାତ୍ର, ବୁଦ୍ଧିଜୀବୀ, ମହିଳା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏସ୍‌ୟୁସିଆଇ (କମ୍ୟୁନିଷ୍ଟ)ର ସାଧାରଣ ସମ୍ପାଦକ ପ୍ରଭାସ ଘୋଷ ମୁଖ୍ୟବକ୍ତା ଭାବେ ଯୋଗଦେଇ ଉଦ୍‌ବୋଧନ ଦେବେ। ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ଶୋଷଣ, ପୁଞ୍ଜିବାଦ ବିରୋଧରେ ସଂଗ୍ରାମ ଜାରି ରହିଛି। ଲୋକଙ୍କୁ ସଚେତନ କରାଇବା ଲାଗି ବିଭିନ୍ନ ସ୍ଥାନରେ ଜନସଭା, ପଥସଭା, ବୈଠକ, ପାଠଚକ୍ର କରାଯାଉଛି। ଭୋଟସର୍ବସ୍ୱ ରାଜନୈତିକ ଦଳଗୁଡ଼ିକର ମିଥ୍ୟା ପ୍ରତିଶ୍ରୁତିକୁ ପ୍ରତ୍ୟାଖ୍ୟାନ କରି ଜନଆନ୍ଦୋଳନ ତୀବ୍ରତର କରିବା ପାଇଁ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଅନୁଗୋଳ ଜିଲା କମିଟି ପକ୍ଷରୁ ଆହ୍ୱାନ ଦିଆଯାଇଛି।

# ଡେଙ୍ଗୁ ରୋଗୀ ଚିହ୍ନଟ ପରେ ବଢ଼ିଲା ଚିନ୍ତା

### ମେଡିକାଲ ପରସରରେ ଆବର୍ଜନା ଗଦାକୁ ନେଇ ପ୍ରଶ୍ନବାଚୀ

ଅନୁଗୋଳ, ୩।୮
(ଅମିତ କୁମାର ସାମଲ)



ଅନୁଗୋଳରେ ୨ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହେବା ପରେ ସହରର ଅନେକ ଲୋକ ଚିନ୍ତାରେ ପଡ଼ିଛନ୍ତି। ଅତୀତରେ ସେମାନେ ଡେଙ୍ଗୁର ଭୟାବହତା ଦେଖିଥିବାରୁ କିପରି ଏହା କବଳରୁ ସୁରକ୍ଷିତ ରହିବେ ସେ ନେଇ ବ୍ୟସ୍ତ ହୋଇପଡ଼ିଛନ୍ତି। ହେଲେ ଜିଲା ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କେବଳ ବୈଠକ କରି ସଚେତନ କରାଯିବା ବ୍ୟତୀତ ଅନ୍ୟ କିଛି କାର୍ଯ୍ୟପନ୍ଥା ଆପଣାଯାଉ ନ ଥିବା ସହରବାସୀ ଅଭିଯୋଗ କରୁଛନ୍ତି। ମେଡିକାଲ ପରିସର ଠାରୁ ଆରମ୍ଭ କରି ସହରର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବାରୁ ଡେଙ୍ଗୁର ଭୟ ଘାରୁଥିବା ସେମାନେ କହିଛନ୍ତି।

ସହରବାସୀଙ୍କ କହିବା ଅନୁଯାୟୀ, ୨୦୧୧ରୁ ୨୦୧୪ ପର୍ଯ୍ୟନ୍ତ ଜିଲାରେ ଡେଙ୍ଗୁ ଭୟାବହ ପରିସ୍ଥିତି ସୃଷ୍ଟି କରିଥିଲା। କିନ୍ତୁ ଚଳିତବର୍ଷ ଡେଙ୍ଗୁ ନିରାକରଣ ନେଇ ଯେଭଳି ପଦକ୍ଷେପ ନିଆଯିବା କଥା ତାହା ହେଉନାହିଁ। ଡାକ୍ତରଖାନା ପଛପଟେ କୁଢ଼ କୁଢ଼ ଅଳିଆ ଗଦା ହୋଇ ହୋଇଛି। ଖାଲଖମାରେ ପାଣି ଜମି ରହୁଛି। ସହର ଭିତରେ ମଶା ତେଲ ପଡୁନାହିଁ। ପଇଡ଼ ଖୋଳ, ଅବ୍ୟବହୃତ ଟାୟାର ଏଣେତେଣେ ପଡ଼ି ରହିଥିବା ମଧ ତାହାକୁ ସଫା କରାଯିବା ଦିଗରେ ପଦକ୍ଷେପ ନିଆଯାଉ ନାହିଁ। ସହର ବିଭିନ୍ନ ସ୍ଥାନରେ କୁଢ଼ କୁଢ଼ ଆବର୍ଜନା ଗଦା ହୋଇଥିଲେ ବି ସ୍ୱାସ୍ଥ୍ୟ ବିଭାଗ କେବଳ ଚିଠି ଲେଖିଦେଇ କାର୍ଯ୍ୟ ସାରିଦେଇଛି। ପୌରପାଳିକା କି ଜନସ୍ୱାସ୍ଥ୍ୟ ବିଭାଗ ମଧ ପଦକ୍ଷେପ ନେଉନାହିଁ। କମିଟି ଗଠନ କରାଯାଇ ଅମାନିଆ ଫଳ ବ୍ୟବସାୟୀ, ଟାୟାର ମରାମତି ଦୋକାନ ଓ ବିଭିନ୍ନ ସ୍ଥାନରେ ପରିମଳ ବ୍ୟବସ୍ଥାକୁ ବିପର୍ଯ୍ୟୟ କରୁଥିବା ଲୋକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏ ସମ୍ପର୍କରେ ମେଡିକାଲର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ମେଡିକାଲ ପରିସରରେ ପରିମଳ ବ୍ୟବସ୍ଥା ସମ୍ପର୍କରେ ଏଡିଏମ୍‌ଓ(ମେଡିକାଲ) ଓ ପରିଚାଳକ ଧ୍ୟାନ ଦେବା କଥା। କିନ୍ତୁ ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଘର ନିକଟରୁ ଆରମ୍ଭ କରି ଡାକ୍ତର ଓ କର୍ମଚାରୀଙ୍କ କ୍ୱାର୍ଟର୍ସ ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ହୋଇପଡ଼ିଛି। ଆବର୍ଜନା ଗଦା ହୋଇ ଡମ୍ପିଂୟାର୍ଡର ଭ୍ରମ ସୃଷ୍ଟି କରୁଛି। କିନ୍ତୁ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏଡିଏମ୍‌ଓ(ଜନସ୍ୱାସ୍ଥ୍ୟ) ଡାକ୍ତର ଧନଞ୍ଜୟ ବେହେରା କହିଛନ୍ତି, ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଛି। କିନ୍ତୁ କେତେଜଣ ଫଳ ବ୍ୟବସାୟୀ ଏହାକୁ ଅମାନ୍ୟ କରୁଥିବା ଖବର ଆସିଛି। ଉକ୍ତ ଦୋକାନଗୁଡ଼ିକ ସିଲ୍ କରାଯିବ।

## ସ୍ୱତନ୍ତ୍ର ଥଇଥାନ ବ୍ୟବସ୍ଥା ଦାବି

କଣିହାଁ,୩।୮(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ କମରେଇ ପଞ୍ଚାୟତ ଦଣ୍ଡସିଂହା ଗ୍ରାମ ତଳସାହି ବାସିନ୍ଦା ବନ୍ୟା ଜଳ ଘେରରେ ରହିଛନ୍ତି। ଫଳରେ ସାହିବାସିନ୍ଦା ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବୁଧବାର ବନ୍ୟା ଜଳକୁ ନେଇ ୧୦ରୁ ଅଧିକ ପରିବାର ହନ୍ତସନ୍ତ ହୋଇଥିଲେ। ଏହି ସମସ୍ୟାର ସମାଧାନ ପାଇଁ ଗୁରୁବାର ସାହବାସୀ କଣିହାଁ ତହସିଲଦାର ଡାନିଏଲ ଏକ୍କାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସ୍ୱତନ୍ତ୍ର ଥଇଥାନ ବ୍ୟବସ୍ଥା କଲେ ଏହି ସମସ୍ୟା ଉପୁଜିବ ନାହିଁ ବୋଲି ସାହିବାସୀ ପ୍ରକାଶ କରିଛନ୍ତି।



ଦଣ୍ଡସିଂହା ଗ୍ରାମ ତଳସାହି ବାସିନ୍ଦା ଦାବିପତ୍ର ପ୍ରଦାନ କରୁଛନ୍ତି।

## ହାତୀ ଆକ୍ରମଣରେ ଯୁବକ ଗୁରୁତର

ଅନୁଗୋଳ, ୩।୮ (ଅମିତ କୁମାର ସାମଲ)

ଅନୁଗୋଳ ବନଖଣ୍ଡ ବନ୍ତଳା ବନାଞ୍ଚଳରେ ହାତୀ ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସମ୍ପୃକ୍ତ ଯୁବକ ହେଲେ ହମାବୀରା ଗ୍ରାମର କାଳିଆ ବେହେରା (୩୯)। ସେ ଏକ ଫାର୍ମହାଉସକୁ ଯାଉଥିବାବେଳେ ଟାଙ୍ଗିରୀ ଟୈଲା ଖେଳପଡ଼ିଆ ନିକଟରେ ରାତି ପ୍ରାୟ ୮ଟାରେ ହାତୀ ତାଙ୍କୁ ଆକ୍ରମଣ କରିଥିଲା। ବନ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ସେଠାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ପ୍ରକାଶ ଯେ, ହମାମୀରା ଗ୍ରାମରେ ଗୁରୁବାର ସକାଳେ ୫ ଟିକିଆ ହାତୀ ପଲ ଠାବ ହୋଇଥିଲେ। ଏହି ହାତୀ ପଲ କାଳିଆଙ୍କୁ ଆକ୍ରମଣ କରିଥିବା ବନ ବିଭାଗ ଅନୁମାନ କରିଛି।

# ଲିଙ୍ଗରା ନାଳରେ ବନ୍ୟାଜଳ : ଲୋକେ ଭୟଭୀତ



ପୁରୁଣା ପୋଲ ଉପର ଦେଇ ପାଣି ପ୍ରବାହିତ ହେଉଛି।

ବଅଁରପାଳ,୩।୮(ଉପେନ୍ଦ୍ର ରାଉତ)

ବଅଁରପାଳ ବ୍ଲକ ବଉଳିଗଡ଼ଠାରେ ଥିବା ଲିଙ୍ଗରା ନାଳରେ ବୁଧବାର ବନ୍ୟା ଜଳ ପ୍ରବେଶ କରିଛି। ପ୍ରାୟ ୧୫ ଫୁଟ୍ ଉଚ୍ଚତା ଉପରେ ପାଣି ପ୍ରବାହିତ ହେଉଛି। ଡେରେଜାଙ୍ଗ ପ୍ରକଳ୍ପରୁ ବାହାରିଥିବା ଏହି ନାଳ ବଉଳିଗଡ଼ ଦେଇଯାଇଛି। ବୁଧବାର ପ୍ରବଳ ମାତ୍ରାରେ ପାଣି ଏହି ନାଳରେ ପ୍ରବାହିତ ଫଳରେ ବଉଳିଗଡ଼ରେ ଥିବା ପୁରୁଣା ପୋଲ ସମ୍ପୂର୍ଣ୍ଣ ଭାବେ ପାଣିରେ ବୁଡ଼ିଯାଇଛି। ପାର୍ଶ୍ୱରେ ଥିବା ବହୁ ବିଦ୍ୟୁତ୍ ଖୁଣ୍ଟ ଉପୁଡି ପଡ଼ିବାରୁ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଯାଇଛି। ଅନ୍ୟପଟେ ନାଳରେ ବହୁମାତ୍ରାରେ ପାଣି ଆସୁଥିବାରୁ ଆଖପାଖ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ଲଗାଣ ବର୍ଷା ଯୋଗୁ ଏପରି ପରିସ୍ଥିତ ସୃଷ୍ଟି ହୋଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି।

## ଓମ୍ ପ୍ରକାଶଙ୍କୁ ସମ୍ବର୍ଦ୍ଧନା

ବଇଣ୍ଡା,୩।୮(ପରିକ୍ଷିତ ସାହୁ)

ଓଡ଼ିଶା ସିଭିଲ୍ ସର୍ଭିସ(ଓସିଏସ୍)ରେ ସଫଳତା ପାଇଥିବା କିଶୋରନଗର ଅଞ୍ଚଳର ଓମ୍ ପ୍ରକାଶ ସାହୁଙ୍କୁ ଗୁରୁବାର ସାମାଜିକ କର୍ମୀ ଅର୍ଜୁନ ସାହୁ ସମ୍ବର୍ଦ୍ଧିତ କରିଛନ୍ତି। ତାଙ୍କୁ ଭୁବନେଶ୍ୱରଠାରେ ଭେଟି ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହ ଆଗକୁ ପ୍ରଶାସନିକ କ୍ଷେତ୍ରରେ ଯୋଗଦେଇ କିଭଳି ଲୋକଙ୍କ କାମ



ଓମ୍ ପ୍ରକାଶଙ୍କୁ ସାମାଜିକ କର୍ମୀ ସମ୍ବର୍ଦ୍ଧିତ କରୁଛନ୍ତି।

କରିବେ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଓମ୍ ପ୍ରକାଶଙ୍କ ପାଇଁ ଆଜି କିଶୋରନଗର ଗର୍ବିତ ବୋଲି ସାମାଜିକ କର୍ମୀ ସାହୁ କହିଥିଲେ।

# ଅର୍ଥର ଉପଯୁକ୍ତ ବିନିଯୋଗ ଉପରେ ଗୁରୁତ୍ୱ

କଣିହାଁ,୩।୮(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ପବିତ୍ର ମୋହନ ସଭାଗୃହରେ ଗୁରୁବାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଜିଏସ୍) ଓ ପଞ୍ଚଦଶ ଅର୍ଥ କମିଶନ ଉନ୍ନୟନ କାର୍ଯ୍ୟକୁ ନେଇ ବ୍ଲକସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତାଳଚେର ଉପଜିଲାପାଳ ବିଶ୍ୱରଞ୍ଜନ ରଥ, କଣିହାଁ ବିଡିଓ ଦେବଦତ୍ତ ପ୍ରଧାନ, ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଜିଲା ପରିଷଦ ସଦସ୍ୟ ରଞ୍ଜନ ସାହୁ, ଜିଲା ସୋସିଆଲ ଅଡିଟର ସୁଧାଂଶୁ ସ୍ୱାଇଁ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଶୁଭସ୍ମିତା ନାଥ ପ୍ରମୁଖ ଯୋଗ ଦେଇଥିଲେ। ୨୦୨୨-୨୩ ଆର୍ଥିକ ବର୍ଷରେ ମିଳିଥିବା ଅନୁଦାନରେ ହେଉଥିବା କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ସେହିପରି ଅର୍ଥର ଉପଯୁକ୍ତ ବିନିଯୋଗ ଉପରେ ଗୁରୁତ୍ୱାରୋପ ସହ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଥିଲା। ଏପିଓ ଦୀପ୍ତିରେଖା ସ୍ୱାଇଁଙ୍କ ସହିତ ବିଭାଗୀୟ ଅଧିକାରୀ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ଏହି ଆର୍ଥିକ ବର୍ଷରେ ଏମ୍‌ଜିଏନ୍‌ଆର୍‌ଜିଏସ୍ ତରଫରୁ ୧୭କୋଟି ୬୮ଲକ୍ଷ ୮୧ଟଙ୍କା ବିନିଯୋଗରେ




ବିଭିନ୍ନ ଉନ୍ନୟନ କାର୍ଯ୍ୟ ହୋଇଛି। ୮ଶହ ୪୭ଟି ପ୍ରୋଜେକ୍ଟ ମଧ୍ୟରୁ ୨୧୨ଟି ସମ୍ପୂର୍ଣ୍ଣ ହୋଇଛି। ବ୍ଲକର ୧୧ ହଜାର ୯୯ ପରିବାରକୁ କାମ ମିଳିଥିବାବେଳେ ୬ଲକ୍ଷ ୨ହଜାର ୪୩ ଶ୍ରମ ଦିବସ ସୃଷ୍ଟି ହୋଇଛି। ୯ଶହ ୭୦ ଜଣକୁ ୧୦୦ ଦିନର କାମ ଯୋଗାଇ ଦିଆଯାଇଛି। ଏହାବାଦ ଅନ୍ୟାନ୍ୟ ବିଭାଗରେ ଯୋଜନାରେ କାର୍ଯ୍ୟକୁ ନେଇ ଆଲୋଚନା ହୋଇଥିଲା। ବ୍ଲକର ୨୮ଟି ପଞ୍ଚାୟତର ବିଭିନ୍ନ ଅଧିକାରୀ, ସରପଞ୍ଚ, ସମିତି ସଭ୍ୟ, ପିଇଓଙ୍କ ସହିତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଅଂଶଗ୍ରହଣ କରିଥିଲେ।


### ନିଖୋଜ ବାଳିକା ବିଷୟରେ

ଗତ ତା୨୯.୦୭.୨୦୨୩ରିଖ ସନ୍ଧ୍ୟା ସମୟରେ ପୁରୀ ସମୁଦ୍ରକୂଳ ବତୀଖୁଣ୍ଟ ନିକଟରୁ ଅଢେଇ ବର୍ଷ ବୟସର ଏକ ଶିଶୁ କନ୍ୟା ନିଖୋଜ ହୋଇଯାଇଛି ।

ନାମ-ରାଧା ମଲ୍ଲିକ
ବୟସ-୨ ବର୍ଷ ୬ ମାସ
ଉଚ୍ଚତା-ତିନି ଫୁଟ
ରଙ୍ଗ- ଶ୍ୟାମଳ
ପୋଷାକ- ଗୋଲାପି ଶାର୍ଟ



କେହି ସହୃଦୟ ବ୍ୟକ୍ତି ଏ ଛୋଟ ଝିଅଟିର ସନ୍ଧାନ ପାଇଲେ ବଳିଆପଣ୍ଡା ଥାନାର ନମ୍ବର 9438916313 କିମ୍ବା ତଦନ୍ତକାରୀ ଅଫିସର 9437390096ରେ ଜଣେଇବାକୁ ଅନୁରୋଧ ।


# ‘ଭଲ ପଢ଼ିଲେ ଶୀର୍ଷରେ ପହଞ୍ଚିବ’

ବଇଣ୍ଡା, ୩।୮(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ବଇଣ୍ଡା ଜନତା ମହାବିଦ୍ୟାଳୟ ପରିସରରେ ଗତ ମଙ୍ଗଳବାର ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ କାଳନ୍ଦୀ ଚରଣ ପ୍ରଧାନ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ରସାୟନ ବିଭାଗ ମୁଖ୍ୟ ଅସିତ କୁମାର ଜେନା, ଗଣିତ ବିଭାଗ ମୁଖ୍ୟ ଅଧ୍ୟାପକ ସନ୍ତୋଷ କୁମାର ଗାନ୍ଧୀ, ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ରବିନାରାୟଣ ବେହେରା, ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ଚନ୍ଦ୍ରଶେଖର ସିଂ, ଜୈବବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପିକା ଶୁଭଶ୍ରୀ ପ୍ରଧାନ, ଦର୍ଶନ ବିଭାଗ ମୁଖ୍ୟ ଅଧ୍ୟାପକ ନିରଞ୍ଜନ ଦାଶ ପ୍ରମୁଖ ଯୋଗଦେଇ ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିବା ସହ ଭଲ ପାଠ ପଢ଼ିଲେ ସଫଳତା ଶୀର୍ଷରେ ପହଞ୍ଚି ପାରିବ ବୋଲି ପରାମର୍ଶ ଦେଇଥିଲେ। ଇତିହାସ ବିଭାଗ ମୁଖ୍ୟ ଅଧ୍ୟାପିକା ସୁମିତ୍ରା ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଛାତ୍ରୀ ସୁଶ୍ରୀ, ଇତିଶ୍ରୀ, ସମର୍ପିକା, ପଦ୍ମିନୀ, ବୈଶାଖ, ରୂପାଲି, ଶୁଭସ୍ମିତା, ଯୁଗଜ୍ୟୋତି, ଶୁଭଲକ୍ଷ୍ମୀ, ବିଷ୍ଣୁପ୍ରିୟା ପ୍ରମୁଖ ପରିଚାଳନା କରିଥିଲେ।




ଜନତା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ।

# ବିଦ୍ୟାଳୟ ପରିସରରେ ୨ ଫୁଟ୍‌ର ପାଣି

### ଠିକା ସଂସ୍ଥାକୁ ଦାୟୀ କଲେ ଗ୍ରାମବାସୀ

ବଇଣ୍ଡା,୩।୮(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ହଣ୍ଡପା ଥାନା ଗତିକୃଷ୍ଣପୁର ସରକାରୀ ବିଦ୍ୟାଳୟ ପରିସରରେ ୨ ଫୁଟ୍‌ର ବର୍ଷା ପାଣି ଜମି ରହିଛି। ରାଜପଥ କାମ କରୁଥିବା ଠିକାସଂସ୍ଥାର ଅବହେଳା ଯୋଗୁ ଏପରି ପରିସ୍ଥିତି ସୃଷ୍ଟି ହୋଇଥିବା ଗତିକୃଷ୍ଣପୁର ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଗ୍ରାମବାସୀ କହିଛନ୍ତି, ଏହି ବିଦ୍ୟାଳୟ ନିକଟରେ ଯାଇଥିବା ୫୫ନଂ. ଜାତୀୟ ରାଜପଥକୁ ୪ ଲେନ କରାଯାଉଛି। ବିଶେଷକରି ଗୋଟିଏ ପାର୍ଶ୍ୱରେ ଠିକାସଂସ୍ଥା ପକ୍ଷରୁ ନୂତନ ରାସ୍ତା କରାଯାଇଥିବା ବେଳେ ବିଦ୍ୟାଳୟ ପାର୍ଶ୍ୱରେ ବଡ଼ ବଡ଼ ଗର୍ତ୍ତ ଖୋଳାଯାଇଛି। କିନ୍ତୁ ବର୍ଷା ପାଣି ନିଷ୍କାସନ କରିବା ପାଇଁ ଠିକାସଂସ୍ଥା ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇନାହିଁ। ଫଳରେ ସାମାନ୍ୟ ବର୍ଷାରେ ପାଣି ରାସ୍ତାରେ ଆସି ବିଦ୍ୟାଳୟ ପରିସରରେ ଜମି ରହୁଛି। ଫାଟକ ଠାରେ ୨ ଫୁଟ ଉଚ୍ଚର ପାଣି ଜମି ରହିଥିବାରୁ ଛାତ୍ରୀଛାତ୍ରଙ୍କ ଯିବା ଆସିବା କରିପାରୁ ନାହାନ୍ତି। ପାଣି ନିଷ୍କାସନ ନିମନ୍ତେ ଏକ ସ୍ଥାୟୀ ବ୍ୟବସ୍ଥା କରିବା ପାଇଁ ଗ୍ରାମବାସୀ ଠିକାସଂସ୍ଥାଠା ନିକଟରେ ପୂର୍ବରୁ ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ତୁରନ୍ତ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଠିକାସଂସ୍ଥା ପରିଚାଳକ ମନୋଜ ଗୋଚ୍ଛାୟତ କହିଛନ୍ତି, ଅଭିଯୋଗ ହୋଇଛି। ତୁରନ୍ତ ସମସ୍ୟାର ସମାଧାନ କରାଯିବ।



ବିଦ୍ୟାଳୟ ପରିସରରେ ଜମି ରହିଥିବା ବର୍ଷା ପାଣି।


### ଭାରତ ସରକାର / भारत सरकार
### ଆୟୁଷ ମନ୍ତ୍ରଣାଳୟ / आयुष मंत्रालय

ରାଷ୍ଟ୍ରୀୟ ଧନ୍ୱନ୍ତରୀ ଆୟୁର୍ବେଦ ପୁରସ୍କାର, ୨୦୨୩ ନିମନ୍ତେ ଆୟୁର୍ବେଦ ବିଶେଷଜ୍ଞମାନଙ୍କଠାରୁ ଦରଖାସ୍ତ/ନାମାଙ୍କନ ଆହ୍ୱାନ କରାଯାଉଛି । ଆୟୁଷ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏହି ପୁରସ୍କାରକୁ ଭାରତୀୟ ଔଷଧ କେନ୍ଦ୍ରୀୟ ପରିଷଦ ଅଧିନିୟମ, ୧୯୭୦ର ଅନୁସୂଚୀ II, III, IVରେ ଅନ୍ତର୍ଭୁକ୍ତ ଯୋଗ୍ୟତାଧାରୀ ତଥା ଆୟୁର୍ବେଦ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଥିବା ଆୟୁର୍ବେଦ ବିଶେଷଜ୍ଞଙ୍କୁ ପ୍ରଦାନ କରାଯାଇଥାଏ । ଧନ୍ୱନ୍ତରୀ ଜୟନ୍ତୀ (ଧନ୍‌ତେରସ) ଦିନ ପାଳିତ ହେବାକୁ ଥିବା ୮ମ ଆୟୁର୍ବେଦ ଦିବସ ଅବସରରେ ପୁରସ୍କୃତଙ୍କୁ ସମ୍ମାନିତ କରାଯିବ। ବିବରଣୀ ସ୍ୱରାଷ୍ଟ୍ର ବ୍ୟାପାର ମନ୍ତ୍ରଣାଳୟ, ଭାରତ ସରକାରଙ୍କ ରାଷ୍ଟ୍ରୀୟ ପୁରସ୍କାର ପୋର୍ଟାଲ http://awards.gov.inରେ ଉପଲବ୍ଧ ଅଟେ । ଦରଖାସ୍ତ/ନାମାଙ୍କନ ୧୫ ସେପ୍ଟେମ୍ବର, ୨୦୨୩ ସୁଦ୍ଧା ଦାଖଲ କରାଯିବା ଆବଶ୍ୟକ ।

cbc 17201/11/0006/2324



### OFFICE OF THE ROURKELA MUNICIPAL CORPORATION: ROURKELA
### INVITATION FOR BID
**No.9256, Dated 03.08.2023**
**Bid Identification No. :- MC/RMC/18/2023**

**No.C-974:** The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in Double cover on online Mode. Bid Identification No. MC/RMC/18/2021 for 01 no. Civil work with value of Rs. 67.70 lakh.

1. Bid documents will be available in website **www.tendersorissa.gov.in** from 03.08.2023.
2. Bids must be submitted on “online” on or before **14.08.2023 by 17.00 hours**
3. Bids shall be opened at **11.00 hours on 16.08.2023** in the office of the undersigned in the presence of the bidders or their authorized agents.
4. Other details will be available in the website tendersorissa.gov.in.

Sd./- Municipal Commissioner
Rourkela Municipal Corporation

OIPR-13131/11/0034/2324


# ଅଧିକ ଆକର୍ଷଣୀୟ ହେବ ଗଜଲକ୍ଷ୍ମୀ ପୂଜା



ବୈଠକରେ ବିଧାୟକ, ପ୍ରଶାସନିକ ଅଧିକାରୀଙ୍କ ସମେତ କେନ୍ଦ୍ରୀୟ ପୂଜା କମିଟି କର୍ମକର୍ତ୍ତାମାନେ।

### କେନ୍ଦ୍ରୀୟ ପୂଜା କମିଟି ପ୍ରସ୍ତୁତି ବୈଠକ

ପାଲଲହଡା,୩।୮(ଦିବ୍ୟଜ୍ୟୋତି ଦାସ)

ପାଲଲହଡା ଉପଖଣ୍ଡର ଗଣପର୍ବ ଗଜଲକ୍ଷ୍ମୀ ପୂଜାକୁ ଚଳିତବର୍ଷ ଅଧିକ ସରସସୁନ୍ଦର କରାଯିବ। ଗୁରୁବାର କେନ୍ଦ୍ରୀୟ ଗଜଲକ୍ଷ୍ମୀ ପୂଜା କମିଟି ଆନୁକୂଲ୍ୟରେ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ ଗଜଲକ୍ଷ୍ମୀ ପୂଜା କମିଟି ସଭାପତି ନରେନ୍ଦ୍ର କୁମାର ଭୁକ୍ତାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ମୁଖ୍ୟଅତିଥି ଭାବେ ପାଲଲହଡା ବିଧାୟକ ମୁକେଶ ପାଲ ଯୋଗଦେଇ ଦୁର୍ଗାପୂଜା ଓ ଗଜଲକ୍ଷ୍ମୀ ପୂଜା କିଭଳି ଶାନ୍ତିଶୃଙ୍ଖଳାର ସହିତ ପାଳନ କରାଯିବ ତାହା ଉପରେ ଗୁରୁତ୍ୱ ଦେଇଥିଲେ। ଚଳିତବର୍ଷ ଦର୍ଶକମାନଙ୍କ ମନୋରଞ୍ଜନ ପାଇଁ ଏକ ସ୍ୱତନ୍ତ୍ର ଯାତ୍ରା କମିଟି ଗଠନ କରାଯାଇ ଅପେରା ପ୍ରଦର୍ଶନ ପାଇଁ ସ୍ଥିର କରାଯାଇଥିଲା। ଆଗାମୀ ଦିନରେ ଭସାଣି ଓ ମେଳଣର ରୂପରେଖ ପ୍ରସ୍ତୁତ କରାଯିବ। ବୈଠକରେ ପାଲଲହଡା ଉପଜିଲାପାଳ ସୁଶାନ୍ତ ପତି, ବ୍ଲକ ଅଧ୍ୟକ୍ଷା ରିନାରାଣୀ ନାଏକ, ତହସିଲଦାର ଲମ୍ବୋଦର ମାରାଣ୍ଡି, ଥାନା ଅଧିକାରୀ ପରାଓ ଟୁଡ୍ଡୁ, ସମସ୍ତ ବିଭାଗୀୟ ଅଧିକାରୀ, ବୁଦ୍ଧିଜୀବୀ, ଖବରଦାତା ଏବଂ ପାଲଲହଡାର ସମସ୍ତ ପୂଜା କମିଟି ସଦସ୍ୟ ଉପସ୍ଥିତ ଥିଲେ। କମିଟି ସାଧାରଣ ସମ୍ପାଦକ ସୁଶୀଲ ସାମଲ ବିବରଣୀ ପ୍ରଦାନ କରିଥିଲେ।

# ଶିକ୍ଷକ କେବେ ଅବସର ନିଏ ନାହିଁ

ଆଠମଲ୍ଲିକ, ୩।୮(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକସ୍ଥିତ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସୁଧାଂଶୁ ଶେଖର ପ୍ରଧାନଙ୍କୁ ବୁଧବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନ ଶିକ୍ଷକ ସୁନୀଲ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଦାଶରଥି ଶୁଣ୍ଢି ଯୋଗଦେଇ କହିଲେ, ଶିକ୍ଷକ ଜୀବନରେ ଅବସର ବୋଲି କିଛି ନ ଥାଏ। ଜଣେ ଶିକ୍ଷକ ଆଜୀବନ ଶିକ୍ଷାଦାନରେ ବ୍ରତୀ ରୁହେ। ଶିକ୍ଷୟିତ୍ରୀ ବିନୋଦିନୀ ସାହୁ, ଶିକ୍ଷକ ସନ୍ତୋଷ ସୀଠ, ଲୋକନାଥ ସାହୁ, ଧବଳ ଦେହୁରୀ, ସୁଧାଂଶୁ ବିଶ୍ୱାଳ, ମହେନ୍ଦ୍ର ସୀଠଙ୍କ ସମେତ ଛାତ୍ରୀମାନେ ଉପସ୍ଥିତ ଥିଲେ।




ସଭାରେ ଉପସ୍ଥିତ ଅତିଥିଙ୍କ ସମେତ ଅନ୍ୟମାନେ।


### The Odisha Small Industries Corporation Ltd.
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-1526 OSIC GST No. 21AAACO2101M1Z1

### TENDER CALL NOTICE

Tender Notice No.3840/RE/OSIC Dt.02.08.2023

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of work **“Supply, installation and commissioning of weighbridge at different yard under R.M.C. Junagarh”**. Tender details can be downloaded from the OSIC website www.osicltd.in . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/ changes/ modifications will appear in OSIC Ltd. website www.osicltd.in only.

Sd/-
GENERAL MANAGER(O)

OIPR-14073/11/0045/2324



ଢେଙ୍କାନାଳ-କାମାକ୍ଷାନଗର ରାସ୍ତାର କମଗରାଠାରେ ବ୍ରାହ୍ମଣୀ ନଦୀରେ ପ୍ରବାହିତ ବନ୍ୟା ଜଳ।



ପାଣି ଘେରରେ ଦୌଡ଼େଶ୍ୱର ଶୈବପୀଠ।

# ବ୍ରାହ୍ମଣୀରେ ବଢ଼ି

**ଢେଙ୍କାନାଳ, ୩।୮ (ରତନ ନାୟାର)**

- କରମୂଳ, କଙ୍କାରେ ମାଡ଼ିଲା ବନ୍ୟାଜଳ
- ରାସ୍ତାରେ ପାଣି, ଯୋଗାଯୋଗ ବିଚ୍ଛିନ୍ନ
- ଦୌଡ଼େଶ୍ୱର ମନ୍ଦିର ଗର୍ଭଗୃହ ଜଳାର୍ଣ୍ଣବ

ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଗଭୀର ଅବପାତର ରୂପ ନେବା ପରେ ସାରା ରାଜ୍ୟରେ ପ୍ରବଳ ବର୍ଷା ହୋଇଛି। ଏହାର ପ୍ରଭାବରେ ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ନଦୀ ବ୍ରାହ୍ମଣୀରେ ବଢ଼ି ଆସିଛି। ଓଡ଼ାପଡ଼ା, ସଦର, ଗଁଦିଆ, କାମାକ୍ଷାନଗର, ପରଜଙ୍ଗ, ଭୁବନ ବ୍ଲକ ନଦୀ ଉପକୂଳବର୍ତ୍ତୀ ଅଧିକାଂଶ ଗ୍ରାମରେ ବନ୍ୟାଜଳ ପ୍ରବେଶ କରିଛି। ବିଭିନ୍ନ ଗ୍ରାମ ଜଳବନ୍ଦୀ ଅବସ୍ଥାରେ ରହିଛି। ଗ୍ରାମାଞ୍ଚଳର ପ୍ରମୁଖ ରାସ୍ତାରେ ପାଣିର ସୁଅ ଚାଲୁଥିବାରୁ ଗମନାଗମନ ବିଚ୍ଛିନ୍ନ ହୋଇପଡ଼ିଛି। ନଦୀ ଫୁଲୁଥିବାରୁ ପ୍ରଭାବିତ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି।

ବ୍ରାହ୍ମଣୀ ବନ୍ୟା ଜଳରେ ସର୍ବାଧିକ ପ୍ରବାହିତ ହୋଇଛି ଗଁଦିଆ ବ୍ଲକ। କେବଳ କରମୂଳ ଅଞ୍ଚଳର ୧୦୦ ଏକରରୁ ଊର୍ଦ୍ଧ୍ୱ ଚାଷଜମିରେ ଫସଲ କ୍ଷତିଗ୍ରସ୍ତ ହୋଇଛି। ବାଇଶିଆଁ ପଞ୍ଚାୟତର କଙ୍କା ଗ୍ରାମରେ ବନ୍ୟାଜଳ ବଡ଼ଜୋରା ନାଳରେ ପ୍ରବେଶ କରିଛି। ବାଇଁଶିଆ ପଞ୍ଚାୟତରୁ କଙ୍କା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାରେ ୫ ଫୁଟର ପାଣି ଚାଲିଛି। କଙ୍କା ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡ଼ିଥିବାବେଳେ ଗ୍ରାମବାସୀ ଜଳବନ୍ଦୀ ହୋଇପଡ଼ିଛନ୍ତି। ତେବେ ଏଭଳି ସ୍ଥିତି ପାଇଁ ଅଞ୍ଚଳବାସୀ ପ୍ରଶାସନ, ଜନପ୍ରତିନିଧିଙ୍କୁ ଦାୟୀ କରିଛନ୍ତି। ବାରମ୍ବାର ଦାବି ସତ୍ତ୍ୱେ ଉକ୍ତ ରାସ୍ତାରେ ପ୍ରବାହିତ ନାଳରେ ଉଚ୍ଚ ପୋଲଟିଏ ନିର୍ମାଣ ହୋଇପାରୁନାହିଁ। ବ୍ରାହ୍ମଣୀରେ ବନ୍ୟା ଆସିଲେ ଏଭଳି ସମସ୍ୟା ସୃଷ୍ଟି ହେଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ନାଳରେ ଉଚ୍ଚା ପୋଲ ନିର୍ମାଣ କରାଗଲେ କଙ୍କା ଏବଂ ବାଇଁଶିଆ ଗ୍ରାମବାସୀଙ୍କ ଦୁଃଖ ଯିବ ବୋଲି ବିରଞ୍ଚି ନାରାୟଣ ସିଂ, ମଦନ ବଳିଆରସିଂ, ଭରତ ପରିଡ଼ା, ମେଘନାଦ ବଳିଆରସିଂ, ପ୍ରସନ୍ନ ଇନ୍ଦ୍ରଜିତ ସିଂ, ସୂର୍ଯ୍ୟକାନ୍ତ ମଲ୍ଲିକ, ଶ୍ରୀବତ୍ସ ବେହେରା, ଶ୍ରୀଧର ସାହୁ ପ୍ରମୁଖ କହିଛନ୍ତି। ବ୍ରାହ୍ମଣୀ ନଦୀକୂଳରେ ଥିବା ପ୍ରାଚୀନ ଦୌଡ଼େଶ୍ୱର ଶୈବପୀଠ ବନ୍ୟା ପାଣି ଘେରରେ ରହିଛି। ମନ୍ଦିର ଗର୍ଭଗୃହରେ ପାଣି ପଶିଯାଇଛି। ପୀଠକୁ ସଂଯୋଗ କରୁଥିବା ରାସ୍ତା ବୁଡ଼ିଯାଇଛି। ଠାକୁରଙ୍କ ନୀତିକାନ୍ତିରେ ବିଭ୍ରାଟ ଉପୁଜିଛି। ବ୍ରାହ୍ମଣୀ ନଦୀ ଉଗ୍ରରୂପ ଦେଖାଉଛି। ଗୁରୁବାର ଉପରମୁଣ୍ଡରେ ବର୍ଷା ନ ଛାଡ଼ିଲେ ସ୍ଥିତି ଗମ୍ଭୀର ହେବା ଆଶଙ୍କାକୁ ଏଡ଼ାଇ ଦିଆଯାଇପାରୁନାହିଁ।

ଅନ୍ୟପଟେ ବନ୍ୟା ପାଣି ଗ୍ରାମାଞ୍ଚଳରେ ପ୍ରବେଶ କରିବା ପରେ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଛି। କୃଷି ବିଭାଗ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରିବା ଆରମ୍ଭ କରିଛନ୍ତି। ଅଧିକାରୀମାନେ ବଢ଼ି ପ୍ରଭାବିତ ପରଜଙ୍ଗ, ଭୁବନ ବ୍ଲକର ସୁରପ୍ରତାପପୁର, ଗଁଦିଆ ବ୍ଲକର କରମୂଳ ଅଞ୍ଚଳ ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରୁଥିବା ଜିଲା ମୁଖ୍ୟ କୃଷି ଅଧିକାରୀ ଜ୍ୟୋତିର୍ଦୀପ୍ତ ପଟ୍ଟନାୟକ ସୂଚନା ଦେଇଛନ୍ତି। ତେବେ କେତେ ପରିମାଣର କ୍ଷୟକ୍ଷତି ହୋଇଛି, ତାହା ପାଣି ଛାଡ଼ିବା ପରେ ସ୍ପଷ୍ଟ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ଜିଲାରେ ବନ୍ୟା ସମ୍ପର୍କରେ ଜିଲାପାଳ ସରୋଜ କୁମାର ସେଠୀ କୁହନ୍ତି, ବୁଧବାର ରାତିରେ ବ୍ରାହ୍ମଣୀ ନଦୀରେ ବନ୍ୟା ଆସିଥିଲା। ଏହାପରେ ଭୁବନ ବ୍ଲକର ନଦୀକୂଳ ଅଞ୍ଚଳରେ ଗ୍ରାମର କେତେଜଣ ବ୍ୟକ୍ତିଙ୍କୁ ସ୍ଥାନୀୟ ବିଦ୍ୟାଳୟ ତଥା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଥିଲା। ସକାଳେ ପାଣି କମିବା ପରେ ସେମାନେ ଘରକୁ ଫେରିଛନ୍ତି। ଗଁଦିଆ ବ୍ଲକରେ କରମୂଳ, କଙ୍କା ଗ୍ରାମରେ ବନ୍ୟାଜଳ ପ୍ରବେଶ ଯୋଗୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛ। ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ବାଇଶିଆଁ ଓ କଙ୍କା ମଧ୍ୟରେ ଏକ ସ୍ଥାୟୀ ପୋଲ ନିର୍ମାଣ କରାଯାଇ ବର୍ଷା ଦିନେ ହେଉଥିବା ସମସ୍ୟାର ସ୍ଥାୟୀ ସମାଧାନ କରିବା ନେଇ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ କହିଛନ୍ତି।

# ରାସ୍ତାରେ ଚାଲିଲା ଡଙ୍ଗା

## ୨ ଗ୍ରାମ ଜଳବନ୍ଦୀ

**ଭୁବନ, ୩।୮ (ବିପିନ ବିହାରୀ ସେଠୀ)**

ବ୍ରାହ୍ମଣୀରେ ବନ୍ୟା ଆସିବା ଫଳରେ ଭୁବନ ବ୍ଲକର ଭୂଷଳ ପଞ୍ଚାୟତର ଜୟପୁର ଏବଂ ଯମୁନାକୋଟ ପଞ୍ଚାୟତର କୃଷ୍ଣପୁର ଗ୍ରାମ ଜଳବନ୍ଦୀ ହୋଇଛି। ଜୟପୁର ଗ୍ରାମ ରାସ୍ତା ବୁଡ଼ି ଯାଇଥିବାରୁ ବ୍ଲକ ପ୍ରଶାସନ ପକ୍ଷରୁ ଡଙ୍ଗା ବ୍ୟବସ୍ଥା କରାଯାଇଥିଲା। ଜରୁରୀ କାର୍ଯ୍ୟରେ ବ୍ଲକ କାର୍ଯ୍ୟାଳୟ ଯାଉଥିବା ଲୋକ ଏବଂ ପାଠ ପଢ଼ିବା ପାଇଁ ସ୍କୁଲ ଯାଉଥିବା ଛାତ୍ରୀଛାତ୍ରଙ୍କୁ ଡଙ୍ଗାରେ ପାର୍ କରାଯାଇଥିଲା।

ସେହିପରି ବୁଧବାର ରାମିଆଳ ଓ ପାଣ୍ଡରା ନାଳରେ ବନ୍ୟା ପାଣି ଆସି ବ୍ଲକର ୬ଟି ଗ୍ରାମ ଜଳବନ୍ଦୀ ହୋଇପଡ଼ିଥିଲା। ଗୁରୁବାର ବର୍ଷା କମିବା ପରେ ପାଣି ଛାଡ଼ିବା ଆରମ୍ଭ କରିଛି। ବିଡିଓ ସୌରଭ କଲ୍ୟାଣ ଦାସ, ପଞ୍ଚାୟତ ଅଧିକାରୀ ପ୍ରଭାବିତଙ୍କ ସମସ୍ୟା ପଚାରି ବୁଝିଛନ୍ତି। ଅପରପକ୍ଷେ ବନ୍ୟା ପ୍ରଭାବରେ ବ୍ୟାପକ ଫସଲ ନଷ୍ଟ ହୋଇଛି। ଖରିଫ ଧାନ ଚାଷ ଏକ ପ୍ରକାର ଉଜୁଡ଼ିଯାଇଛି। ବିଭିନ୍ନ ସ୍ଥାନରେ ଘରେ ପାଣି ପଶି ଆସବାବପତ୍ର ନଷ୍ଟ ହୋଇଯାଇଛି। ପିଲାମାନଙ୍କ ବହିପତ୍ର, ଘରର ଜରୁରୀ କାଗଜପତ୍ର ଭିଜିଯାଇଛି। ଏ ନେଇ ବିଡିଓ କୁହନ୍ତି, ବ୍ରାହ୍ମଣୀରୁ ଜଳସ୍ତର ହ୍ରାସ ପାଉଛି। ଜୟପୁର ଏବଂ କୃଷ୍ଣପୁର ଗ୍ରାମବାସୀଙ୍କ ସମସ୍ୟା ବୁଝିବା ଲାଗି ଏକ ଟିମ୍ ଗଠନ କରାଯାଇଛି।



ଜୟପୁର ଗ୍ରାମ ରାସ୍ତା ବନ୍ୟାପାଣିରେ ବୁଡ଼ି ଯାଇଥିବାବେଳେ ଡଙ୍ଗାରେ ଗ୍ରାମବାସୀ ଓ ଛାତ୍ରୀଛାତ୍ରଙ୍କୁ ପାର୍ କରାଯାଉଛି।

# କୃଷିମିତ୍ର, ଗୋଷ୍ଠୀ ସଦସ୍ୟଙ୍କୁ ମହୁଚାଷ ତାଲିମ

**ଢେଙ୍କାନାଳ, ୩।୮ (ରତନ ନାୟାର)**

ଢେଙ୍କାନାଳ ସହର ରଥଗଡ଼ା ଏଲ୍ଆଇସି ଲେନ୍‌ସ୍ଥିତ ୟୁକୋ ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନ ପରିସରରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି ୧୦ଦିନିଆ ମହୁଚାଷ ତାଲିମ ଶିବିର। ଏଥିରେ ୩୦ଜଣ କୃଷିମିତ୍ର ଏବଂ ଏସ୍ଏଚ୍‌ଜି ସଦସ୍ୟା ଅଂଶଗ୍ରହଣ କରିଛନ୍ତି। ଲିଡ୍ ବ୍ୟାଙ୍କ ମ୍ୟାନେଜର ଦେବାଶିଷ କୁଣ୍ଡୁ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ବିମଳେନ୍ଦୁ ମହାନ୍ତି, ଉଦ୍ୟାନ କୃଷି ବିଶେଷଜ୍ଞ ଡ. ଦିବ୍ୟସୁନ୍ଦର କର, ପ୍ରତିଷ୍ଠାନର ନିର୍ଦ୍ଦେଶିକା ଶିବାନୀ ପ୍ରିୟଦର୍ଶିନୀ ପ୍ରମୁଖ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ମହୁଚାଷକୁ ବୃତ୍ତି ଭାବ ଗ୍ରହଣ କରି ମହିଳାମାନେ ସ୍ୱାବଲମ୍ବୀ ହୋଇପାରିବେ। ଏଥିଲାଗି ବ୍ୟାଙ୍କ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରତିଷ୍ଠାନର ସୁଚିତ୍ରା ଗଡ଼ନାୟକ, କାଦମ୍ବରୀ ମହାକୁଡ, ପ୍ରଣବ ରଞ୍ଜନ ଦାସ, ସତ୍ୟମ୍ ଶୁଭମ୍ ଦାସ ପ୍ରମୁଖ ଶିବିର ପରିଚାଳନା ଦାୟିତ୍ୱରେ ଥିବାବେଳେ ପ୍ରଶିକ୍ଷକ ଚିନ୍ମୟ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ନଦୀଟାପୁରେ ସାରା ରାତି

## ୨ ସୁରକ୍ଷା କର୍ମୀ ଉଦ୍ଧାର

- ନାଳରେ ଭାସିଯାଇ ବୃଦ୍ଧ ମୃତ

**ଢେଙ୍କାନାଳ, ୩।୮ (ରତନ ନାୟାର)**

ଚିତ୍କାର ଉଭେଇ ଯାଉଥିଲା ବ୍ରାହ୍ମଣୀର ସୁ ସୁ ଗର୍ଜନ ଭିତରେ। ନିର୍ଜନ ଅନ୍ଧକାରରେ କେହି ନ ଥିଲେ ସାହା କି ଭରସା। ଏଭଳି ସ୍ଥିତିରେ ରାତି ସାରା ନଦୀ ଟାପୁରେ ଫସି ରହିଥିଲେ ଦୁଇ ସୁରକ୍ଷା କର୍ମୀ। ଦୀର୍ଘ ୧୨ ଘଣ୍ଟାରୁ ଅଧିକ ସମୟ ପରେ ସେମାନଙ୍କୁ ଅଗ୍ନିଶମ ଏବଂ ଓଡ୍ରାଫ୍ କର୍ମଚାରୀ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି। କୂଳକୁ ଆସିବା ପରେ ସେମାନେ ବଖାଣିଛନ୍ତି ରାତିର ଛାତିଧରା ଅନୁଭୂତି।

ଢେଙ୍କାନାଳ ସଦର ବ୍ଲକ ନୂଆପଡ଼ା ଗ୍ରାମର ବିଶ୍ୱଜିତ ହୋତା (୨୬), ଅନନ୍ତ ସାହୁ (୪୫) ମେଘା ପ୍ରୋଜେକ୍ଟ ନାମକ ଏକ ଘରୋଇ କମ୍ପାନୀରେ ସୁରକ୍ଷା କର୍ମୀ ଭାବେ କାର୍ଯ୍ୟ କରୁଛନ୍ତି। ବୁଧବାର ରାତି ପ୍ରାୟ ୮ଟାରେ ଘରକୁ ଫେରୁଥିବାବେଳେ ହଠାତ୍ ବ୍ରାହ୍ମଣୀରେ ବନ୍ୟା ପାଣି ଆସିଥିଲା। ଫଳରେ ସେମାନେ ରାଧାଦେଇପୁର ନିକଟ ଏକ ଟାପୁରେ ଫସିଯାଇଥିଲେ। ଗୁରୁବାର ସକାଳେ ସେମାନଙ୍କ ବିଷୟରେ ଗ୍ରାମବାସୀଙ୍କଠାରୁ ସୂଚନା ପାଇ ଅଗ୍ନିଶମ ସଂସ୍ଥା ଏବଂ ଓଡ୍ରାଫ ଟିମ୍ ବୋଟ୍ ନେଇ ଟାପୁରୁ ଉଭୟଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ନିଶ୍ଚିତ ମୃତ୍ୟୁମୁଖରୁ ବର୍ତ୍ତିଯାଇଥିବା ବିଶ୍ୱଜିତ୍ ଏବଂ ଅନନ୍ତ ନିଜ ଅନୁଭୂତି ବଖାଣି କହିଛନ୍ତି, ରାତିସାରା ବଡ଼ କଷ୍ଟରେ ନଦୀ ଭିତରେ ରହିଥିଲେ। ବନ୍ୟାପାଣିରେ ବଡ଼ ବଡ଼ ସାପ ଭାସି ଯାଉଥିଲେ। ଠାକୁରଙ୍କ ଆଶୀର୍ବାଦରୁ ନୂଆ ଜୀବନ ପାଇଲୁ ବୋଲି ଉଭୟେ କହିଛନ୍ତି।

ଅନୁରୂପ ଭାବେ ଗଁଦିଆ ବ୍ଲକ ଲେଥକା ପଞ୍ଚାୟତ ରିଆ ଗ୍ରାମ ନାଳରେ ଯୁଗଳ ବେହେରା (୬୫) ନାମକ ଜଣେ ବ୍ୟକ୍ତି ଭାସିଯାଇଥିଲେ। ଯାଜପୁର ଜିଲା ବ୍ରାହ୍ମଣୀ ନଦୀରୁ ତାଙ୍କର ମୃତଦେହ ଜବତ କରାଯାଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।



ନିଖୋଜ ଦୁଇ କର୍ମଚାରୀଙ୍କୁ ଓଡ୍ରାଫ୍ ଟିମ୍ ଉଦ୍ଧାର କରି ଆଣୁଛନ୍ତି।

# ପ୍ରଫୁଲ୍ଲ ଚନ୍ଦ୍ରଙ୍କ ବୈଜ୍ଞାନିକ କୃତି ଉପରେ ଆଲୋଚନା

**ଢେଙ୍କାନାଳ, ୩।୮ (ରତନ ନାୟାର)**

ଖ୍ୟାତିସମ୍ପନ୍ନ ବୈଜ୍ଞାନିକ ପ୍ରଫୁଲ୍ଲ ଚନ୍ଦ୍ର ରାୟଙ୍କ ସ୍ମୃତି ଉଦ୍ଦେଶ୍ୟରେ ଢେଙ୍କାନାଳ ସଦର ବ୍ଲକ ଚାଉଳିଆ ଖମାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଚାଲିଥିବା ବିଜ୍ଞାନ ସପ୍ତାହ ଉଦ୍‌ଯାପିତ ହୋଇଯାଇଛି। ବୈଜ୍ଞାନିକ ରାୟଙ୍କ ଜୀବନ, ବିଜ୍ଞାନ ପ୍ରତି ତାଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଉପଲକ୍ଷେ ବିଜ୍ଞାନ ପ୍ରକଳ୍ପ ପ୍ରସ୍ତୁତି, ପ୍ରଦର୍ଶନ, ଔଷଧୀୟ ବୃକ୍ଷ ଚିହ୍ନଟ, ବ୍ୟବହାର ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଉଦ୍‌ଯାପନୀ ଦିବସରେ 'ସ୍ୱାସ୍ଥ୍ୟକର ଖାଦ୍ୟ ଖାଅ ସୁସ୍ଥ ରୁହ' ଶୀର୍ଷକ ଆଲୋଚନାଚକ୍ରରେ ସମ୍ପାଦକ ପତିତପାବନ ରାଉତ ବକ୍ତା ଭାବେ ଯୋଗଦେଇ ଶାକାହାର ଅଭ୍ୟାସ କରିବାକୁ ପରାମର୍ଶ ଦେଇଥିଲେ। ବିଜ୍ଞାନ ପ୍ରମୁଖ ଆଚାର୍ଯ୍ୟା ବିଜୟା ବନ୍ଦିନୀ ବିନ୍ଧାଣି, ରୁନୁ ନାୟକ, ଚିନ୍ମୟୀ ପ୍ରଧାନ, ବନିତା ଶତପଥୀ, ଆଚାର୍ଯ୍ୟ ତ୍ରିଲୋଚନ ବ୍ରହ୍ମଙ୍କ ସମେତ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଆଲୋଚନାରେ ଭାଗ ନେଇଥିଲେ।

# ପାଲାଗାୟକ ସମ୍ମାନିତ

**ସାତମାଇଲ, ୩।୮ (ସୁଶାନ୍ତ ପତି)**

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ଗିରିଧରପ୍ରସାଦ ଗ୍ରାମର ବର୍ଷୀୟାନ ପାଲାଗାୟକ ବିଚିତ୍ରାନନ୍ଦ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।



ଭୁବନେଶ୍ୱରସ୍ଥିତ ଭଞ୍ଜକଳା ମଣ୍ଡପରେ ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ତାଙ୍କୁ ମାନପତ୍ର, ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଖ୍ୟାତନାମା ପାଲାଗାୟକ ବିଚିତ୍ରାନନ୍ଦ ଦୀର୍ଘ ୫୫ ବର୍ଷ ଧରି ପାଲା ମାଧ୍ୟମରେ ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ସୁରକ୍ଷା ଲାଗି ଜନସଚେତନତା ସୃଷ୍ଟି କରି ସ୍ୱତନ୍ତ୍ର ଛାପ ଛାଡ଼ିଛନ୍ତି। ଏତଦ୍ ବ୍ୟତୀତ କ୍ଷମାନିଧି ଜଣାଣ, ସାବିତ୍ରୀ ବ୍ରତ ଓଷା, ସତୀ ନର୍ମଦା, କୃଷ୍ଣ ହନୁମାନ ଯୁଦ୍ଧ, ରକ୍ତତର୍ପଣ, ପ୍ରେମଲତା ପରିଣୟ ଆଦି ପୁସ୍ତକ ରଚନା କରି ଢେଙ୍କାନାଳ ମାଟିକୁ ଗୌରାବାନ୍ୱିତ କରିଛନ୍ତି। ସୂଚନାଯୋଗ୍ୟ, ବିଚିତ୍ରାନନ୍ଦଙ୍କୁ ୧୯୯୭ରେ ଶିଶୁ ଅନନ୍ତ ଆଶ୍ରମରେ ପଦ୍ମଶ୍ରୀ ବାବା ବଳିଆଙ୍କ ଦ୍ୱାରା 'ଗାୟକ ବିମଳ', ୨୦୦୩ରେ ନୀଳକଣ୍ଠେଶ୍ୱର ପାଲା ସଂସଦ ପକ୍ଷରୁ 'ଗାୟକ ପ୍ରବୀର' ଉପାଧିରେ ସମ୍ବର୍ଦ୍ଧିତ କରାଯାଇଥିଲା।

# ପ୍ରଧାନ ଶିକ୍ଷକ ସମ୍ବର୍ଦ୍ଧିତ

**ଢେଙ୍କାନାଳ, ୩।୮ (ରତନ ନାୟାର)**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ କପିଳାସ ସରକାରୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ବାସିଲ୍ କୁଲୁଙ୍କ ବଦଳି ହୋଇଛି। ତାଙ୍କୁ ବୁଧବାର ଅପରାହ୍ନରେ ସ୍କୁଲ ସଭାଗୃହରେ ସମ୍ବର୍ଦ୍ଧିତ କରାଯାଇଛି। ବରିଷ୍ଠ ଶିକ୍ଷୟିତ୍ରୀ ମନସ୍ୱିନୀ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ କୁଲୁଙ୍କ ୬ବର୍ଷର କାର୍ଯ୍ୟକାଳ ମଧ୍ୟରେ ହୋଇଥିବା ଶିକ୍ଷାନୁଷ୍ଠାନ ବିକାଶ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବ୍ଲକ ମଙ୍ଗଳ ଅଧିକାରୀ ସଚ୍ଚିଦାନନ୍ଦ ପୃଷ୍ଟି, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହରିହର ସାହୁ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିଦ୍ୟାଧର ପରିଡ଼ା, ମୋ ସ୍କୁଲ ଅଭିଯାନ ସଭାପତି ଯୁଗଳ କିଶୋର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ସନ୍ତୋଷିନୀ ହୋତା, ଦୁର୍ଗେଶନନ୍ଦିନୀ ନନ୍ଦ, ଶିବାନୀ ମିଶ୍ର, ନିବେଦିତା ସାହୁ, ଦୀପ୍ତିମୟୀ ପ୍ରଧାନ, ନନ୍ଦିନୀ ରାଉଳ, ପୁଷ୍ପଲତା କଅଁର, ପଦ୍ମିନୀ ଭୋଇ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲା।

# ଗ୍ରନ୍ଥାଗାରିକଙ୍କୁ ଅବସର ସମ୍ବର୍ଦ୍ଧନା

**ସାତମାଇଲ, ୩।୮ (ସୁଶାନ୍ତ ପତି)**

ହିନ୍ଦୋଳରୋଡ୍ ସ୍ଥିତ ଓପିଏସ୍ କଲେଜର ଗ୍ରନ୍ଥାଗାରିକ ଶରତ କୁମାର ବେହେରାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଅଧ୍ୟକ୍ଷ ଡ. ଶମ୍ଭୁ ପ୍ରସାଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କର୍ମଚାରୀ ପରିଷଦ ସମ୍ପାଦିକା ଡ. ମାନସୀ କର, ଅଧ୍ୟାପକ ନୀଳକଣ୍ଠ ଦାସ, ଡ. ତପନ ପଣ୍ଡା, ଡ. ରାଜକିଶୋର ସାମଲ, ବିଜୟ କିଶୋର ପ୍ରଧାନ, ବିଜୟ ସାହୁ, ମଙ୍ଗରାଜ ମହାପାତ୍ର, ଅଧ୍ୟାପିକା ନୟନା ବରାଳ, ଦିଲୀପ ପୃଷ୍ଟି, ସରୋଜ ଧଳ ପ୍ରମୁଖ ଉପସ୍ଥିତ ଥିଲେ। ଦୀର୍ଘ ସାଢ଼େ ୩ ଦଶନ୍ଧିରୁ ଅଧିକ ସମୟ ଧରି ଗ୍ରନ୍ଥାଗାରିକ ଭଳି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ଦାୟିତ୍ୱର ସହ ତୁଲାଇଥିବା ଗ୍ରନ୍ଥାଗାରିକ ବେହେରାଙ୍କ କର୍ମମୟ ଜୀବନ ବିଷୟରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଅଧ୍ୟାପକ କର୍ମଚାରୀଙ୍କ ତରଫରୁ ତାଙ୍କୁ ମାନପତ୍ର ଓ ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାଧ୍ୟାପକ ଗୁରୁଚରଣ ରାଉତରାୟ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ପରିଶେଷରେ ଅଧ୍ୟାପକ ଡ. ଦେବାନନ୍ଦ ଦାସ ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ଅବସର ନେଇଥିବା ଗ୍ରନ୍ଥାଗାରିକଙ୍କ ସମେତ ଉପସ୍ଥିତ ଅନ୍ୟ ଅତିଥିମାନେ।

# ଜନପ୍ରତିନିଧି ଜାଣିଲେ ବର୍ଜ୍ୟ ପରିଚାଳନା




ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଜନପ୍ରତିନିଧିମାନେ।

**କାମାକ୍ଷାନଗର, ୩।୮ (ଅମଜାଦ ଖାନ୍)**

କାମାକ୍ଷାନଗର ଏନ୍ଏସିର ନିର୍ବାଚିତ ପ୍ରତିନିଧିଙ୍କୁ ନେଇ ପ୍ରଶିକ୍ଷଣ ଓ ଶିକ୍ଷା ପରିଦର୍ଶନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମଳପଙ୍କ ଓ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅଣୁ ଜୈବିକ ଖତକେନ୍ଦ୍ରରେ ଜୈବିକ ଖତ ପ୍ରସ୍ତୁତି ପ୍ରକ୍ରିୟା, ଏଥିରେ ଉପଯୋଗ କରାଯାଉଥିବା ପଦ୍ଧତୀ ବିଷୟରେ ଜନପ୍ରତିନିଧିଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା।

ସ୍ୱଚ୍ଛ ଭାରତ ମିଶନରେ ସ୍ୱଚ୍ଛତା ରକ୍ଷା କାର୍ଯ୍ୟରେ ସାମିଲ ଥିବା ସଫେଇ କର୍ମଚାରୀ, ସ୍ୱଚ୍ଛସାଥୀଙ୍କ ନିମନ୍ତେ 'ଗରିମା' ଯୋଜନା କରାଯାଇଛି। ଏହି ଯୋଜନା ମାଧ୍ୟମରେ ସେମାନେ ସୁରକ୍ଷିତ ଓ ସମ୍ମାନର ସହ ଜୀବିକା ନିର୍ବାହ କରିପାରିବେ। ସେମାନଙ୍କ ଲାଗି ଉଦ୍ଦିଷ୍ଟ ସ୍ୱାସ୍ଥ୍ୟବୀମା, ଜୀବନ ବୀମା, ଆବାସ ସୁବିଧା, ପିଲାମାନଙ୍କ ପାଇଁ ନିଃଶୁଳ୍କ ଶିକ୍ଷା, ଜୀବିକା ସହାୟତା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ପରିମଳ ବ୍ୟବସ୍ଥା ସୁଧାରିବା ସମ୍ପର୍କିତ ବାର୍ତ୍ତାକୁ ଜନମାନସରେ ପ୍ରଚାରିତ କରିବାରେ ଜନପ୍ରତିନିଧିଙ୍କ ଭୂମିକା ସମ୍ପର୍କରେ ଗୁରୁତ୍ୱାରୋପ କରାଯାଇଥିଲା। କାର୍ଯ୍ୟକ୍ରମରେ ନଗରପାଳ ଧର୍ମାନନ୍ଦ ପରିଡା, ଉପନଗରପାଳ ଶକୁନ୍ତଳା ସେଠୀଙ୍କ ସମେତ ସମସ୍ତ କାଉନ୍‌ସିଲର ଉପସ୍ଥିତ ଥିଲେ। ଏନ୍ଏସି ନିର୍ବାହୀ ଅଧିକାରୀ ଯତୀନ୍ଦ୍ର ମିଶ୍ର ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଗାଡ଼ି ମାଲିକଙ୍କୁ ଛୁରାମାଡ଼

**ଅନୁଗୋଳ, ୩।୮ (ଅମିତ କୁମାର ସାମଲ)**

ଅନୁଗୋଳ ଜିଲା ଗୋପାଳପ୍ରସାଦ ଥାନା ଗୋପାଳପ୍ରସାଦ ଗ୍ରାମର ଟ୍ରକ୍ ମାଲିକ ଦେବାଶିଷ ସାହୁ ଛୁରା ମାଡ଼ର ଶିକାର ହୋଇଛନ୍ତି। ଏ ନେଇ ସେ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ.୧୯୪/୨୩ରେ ମାମଲା ରୁଜୁ କରି ଜଣକୁ ଗିରଫ କରିଛି। ଏହି ଘଟଣାରେ ସମ୍ବଲପୁର ଜିଲା ରେଢ଼ାଖୋଲ ଥାନା ତଣ୍ଡବୀରା ଗ୍ରାମର କିରଣ ସାହୁ (୨୫)ଙ୍କୁ ଗିରଫ କରାଯାଇଛି। ପୋଲିସ କହିଛି, ଦେବାଶିଷଙ୍କ ମା'ଙ୍କ ନାମରେ (ନଂ. ଓଡି ୩୫ ଡି -୭୦୬୫) ଟ୍ରକ୍ ରହିଛି। ଏହି ଗାଡ଼ି ବୁଧବାର ହିଙ୍ଗୁଳା ମାଇନ୍ସକୁ ଯାଇଥିବାବେଳେ ସେଠାରେ ଚାଳକ ପାଟିତୁଣ୍ଡ କରିଥିଲେ। ଦେବାଶିଷ ତାଙ୍କୁ ତାଗିଦ୍ କରିବା ସମୟରେ ହେଲ୍‌ପର ଭାବେ କାର୍ଯ୍ୟ କରୁଥିବା ଗାଡ଼ି ଚାଳକଙ୍କ ଶାଳକ କିରଣ ଦେବାଶିଷଙ୍କୁ ଛୁରା ମାଡ଼ କରିଥିଲେ।

### ୨ ସାଇକେଲ ନେଇଗଲେ ୪ ଦୁର୍ବୃତ୍ତ



**ଅନୁଗୋଳ, ୩।୮ (ଅମିତ କୁମାର ସାମଲ)**

ଅନୁଗୋଳ ସହର ଅମଲାପଡ଼ା ଲେନ୍ ନଂ. ୭ରୁ ୨ଟି ସାଇକେଲ ଚୋରି ହୋଇଛି। ଚୋରି ସମୟର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ଏ ନେଇ ଅନୁଗୋଳ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ଏକ କୋଚିଂ ସେଣ୍ଟର ବାହାରେ ଛାତ୍ରୀଛାତ୍ରମାନେ ସାଇକେଲ ରଖି ପଢୁଥିଲେ। ଏହି ସମୟରେ ୪ ଜଣ ଦୁର୍ବୃତ୍ତ ଆସି ୨ଟି ସାଇକେଲ ନେଇ ଚମ୍ପଟ ମାରିଥିଲେ। ଅଭିଯୋଗ ପରେ ପୋଲିସ ସହରର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିବା ଜଣାପଡ଼ିଛି।

# ଅସୁରକ୍ଷିତ ଅହିରାଜ

**ବର୍ଷ କେଇଟାରେ ସଂରକ୍ଷିତ ଜଙ୍ଗଲରୁ ଅଦୃଶ୍ୟ ହୋଇଗଲେ କଲରାପତରିଆ ବାଘ। ଅନେକ ଲକ୍ଷ ଟଙ୍କା ଖର୍ଚ୍ଚ କରିବା ସତ୍ତ୍ୱେ ବନ ବିଭାଗ ସେମାନଙ୍କୁ ଦେଇପାରିଲା ନାହିଁ ସୁରକ୍ଷା। ବାଘ ଶୂନ୍ୟ ଢେଙ୍କାନାଳ ଜିଲାରେ ଏବେ ସାପଙ୍କ ସମ୍ରାଟ ବୋଲାଉଥିବା ଅହିରାଜ ପ୍ରଜାତି ପ୍ରତି ଅନୁରୂପ ସଙ୍କଟ ଦେଖାଦେଇଛି। ପରିବେଶ ସନ୍ତୁଳନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଭାରତର ଅନ୍ୟତମ ଏହି ବିଷଧର ସର୍ପ ଖାଦ୍ୟାଭାବର ଶିକାର ହେଉଛନ୍ତି। ଭୋକ ମେଣ୍ଟାଇବାକୁ ଜନବସତି ମୁହାଁ ହେଉଥିବାବେଳେ ସେମାନଙ୍କ ଜୀବନ ବିପଦରେ ପଡୁଛି। ଅହିରାଜଙ୍କ ସଂରକ୍ଷଣ ଲାଗି ସରକାରୀସ୍ତରରେ କୌଣସି ଉଦ୍ୟମ ହେଉ ନ ଥିବାରୁ ପରିବେଶବିତ୍‌ଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି।**

- ଖାଦ୍ୟାଭାବରୁ ଜନବସତି ମୁହାଁ ହେଉଛନ୍ତି
- ବନ ବିଭାଗ ପାଇଁ ସୁରକ୍ଷା ଚ୍ୟାଲେଞ୍ଜ
- ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକୁ ଅପେକ୍ଷା



**ଢେଙ୍କାନାଳ, ୩।୮ (ରତନ ନାୟାର)**

ଢେଙ୍କାନାଳର ବିସ୍ତୀର୍ଣ୍ଣ ସଂରକ୍ଷିତ ଜଙ୍ଗଲରେ କ୍ରମାଗତ ଭାବେ ଅହିରାଜଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଜିଲାର ଶୀତଳ ପରିବେଶ ଏହି ପ୍ରଜାତିର ସର୍ପଙ୍କ ପାଇଁ ବିଶେଷ ଉପଯୋଗୀ ସାବ୍ୟସ୍ତ ହୋଇଛି। ହେଲେ ଏମାନଙ୍କ ସଂରକ୍ଷଣ ଲାଗି ରାଜ୍ୟସ୍ତରରେ ଅଦ୍ୟାବଧି ସ୍ୱତନ୍ତ୍ର ଯୋଜନା ହୋଇନାହିଁ। ବନ ବିଭାଗ ଉପରିସ୍ଥ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକୁ ଅପେକ୍ଷା କରି ରହିଥିବାବେଳେ ଜଙ୍ଗଲରେ କ୍ରମାଗତ ଭାବେ କିଙ୍ଗ୍‌କୋବ୍ରାଙ୍କ ସଂଖ୍ୟା ହ୍ରାସ ପାଉଥିବା ପରିବେଶ୍‌ବିତ୍ କହିଛନ୍ତି।

ଢେଙ୍କାନାଳ ଜିଲାରେ ଅଦ୍ୟାବଧି ୯୨ ପ୍ରଜାତିର ସାପ ଚିହ୍ନଟ କରାଯାଇଥିବାବେଳେ ସେଥିରୁ ମାତ୍ର ୮ ପ୍ରଜାତି ବିଷାକ୍ତ। ତନ୍ମଧ୍ୟରେ ଗୋଟିଏ ହେଉଛି ଅହିରାଜ। ଜିଲାର ସମସ୍ତ ୮ ରେଞ୍ଜରେ କିଙ୍ଗ୍‌କୋବ୍ରା ଦେଖାଯାଆନ୍ତି। ହେଲେ କପିଳାସ ଅଭୟାରଣ୍ୟ, ତପୋବନ ଜଙ୍ଗଲ, ସଦର ରେଞ୍ଜର ଭାପୁରରେ ଏମାନେ ଅଧିକ ସଂଖ୍ୟାରେ ଅଛନ୍ତି। ସାଧାରଣତଃ ଗୋଟିଏ ପ୍ରାପ୍ତବୟସ୍କ ଅହିରାଜର ଲମ୍ବା ୧୪ରୁ ୨୧ ଫୁଟ ମଧ୍ୟରେ ହୋଇଥାଏ। କିଛି ବର୍ଷ ତଳେ କପିଳାସ ରାସ୍ତାର ଡାହିମାଳ ଅଞ୍ଚଳରୁ ୧୭ ଫୁଟ ଲମ୍ବର ଏକ ବିଶାଳକାୟ କିଙ୍ଗ୍ କୋବ୍ରା ଉଦ୍ଧାର କରାଯାଇଥିଲା। ତେଣୁ ସଂରକ୍ଷିତ ଜଙ୍ଗଲରେ ଏଭଳି ବଡ଼ ସାପ ଅଧିକ ସଂଖ୍ୟାରେ ଥିବା ସମ୍ଭାବନାକୁ ଏଡ଼ାଇ ଦିଆଯାଇପାରୁନାହିଁ।

ପରିବେଶ ସନ୍ତୁଳନ ରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇ ଆସୁଥିବା ଏହି ପ୍ରଜାତିର ସରୀସୃପ ଘନ ଜଙ୍ଗଲ, ବଣବୁଦାରେ ରହିବାକୁ ପସନ୍ଦ କରିଥାଆନ୍ତି। ନିଜ ପ୍ରଜାତିର ଛୋଟ ସାପ, ଅନ୍ୟ ପ୍ରଜାତିର ସାପ, ଠେକୁଆ, ମୂଷା ସେମାନଙ୍କ ମୁଖ୍ୟ ଆହାର। ହେଲେ ଅନେକ ସମୟରେ ସେମାନଙ୍କୁ ଏହା ମିଳେନାହିଁ। ଫଳରେ ସେମାନେ ଖାଦ୍ୟ ପାଇଁ ଜନବସତି ଆଡ଼କୁ ମୁହାଁଇଥାଆନ୍ତି। ଅହିରାଜକୁ ନେଇ ରହିଥିବା ଭୟ ସେମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଥାଏ। ଗ୍ରାମାଞ୍ଚଳବାସୀଙ୍କ ମନରେ ନେଇ ରହିଥିବା ଭୟ କାରଣରୁ ଅଧିକାଂଶ ସମୟରେ ଅହିରାଜକୁ ପିଟି ପିଟି ମାରି ଦିଆଯାଉଥିବା ଉଦାହରଣ ଅଭାବ ନାହିଁ। ଏବେ କିନ୍ତୁ ସରକାରୀ ବେସରକାରୀ ସ୍ତରରେ ବ୍ୟାପକ ସଚେତନତା ପରେ ଲୋକଙ୍କ ମାନସିକତା ପରିବର୍ତ୍ତନ ହେଲାଣି। ଅହିରାଜ ଉପସ୍ଥିତି ଜାଣିବା ପରେ ଲୋକେ ସାପ ଉଦ୍ଧାରକାରୀ ଦଳର ସଦସ୍ୟଙ୍କୁ ସୂଚନା ଦେଉଛନ୍ତି। ସାପଗୁଡ଼ିକୁ ଧରିବା ପରେ ବନ କର୍ମଚାରୀଙ୍କ ସହାୟତାରେ ପ୍ରାକୃତିକ ଆବାସସ୍ଥଳୀରେ ଛାଡ଼ି ଦିଆଯାଉଛି। ତେବେ ଗତ କିଛି ବର୍ଷ ମଧ୍ୟରେ ଢେଙ୍କାନାଳ ଜିଲାରେ ଅହିରାଜଙ୍କ ସଂଖ୍ୟାରେ ପୂର୍ବଭଳି ବୃଦ୍ଧି ପରିଲକ୍ଷିତ ହେଉନାହିଁ। ଏହି ସରୀସୃପଙ୍କ ସଂରକ୍ଷଣ କରା ନ ଗଲେ କଲରାପତରିଆଙ୍କ ଭଳି ଖୁବ୍‌ଶୀଘ୍ର ଅହିରାଜ ବଂଶ ମଧ୍ୟ ଲୋପ ପାଇଯିବ ବୋଲି ପରିବେଶବିତ୍ ଆଶଙ୍କା ବ୍ୟକ୍ତ କରିଛନ୍ତି।

ଏ ସଂକ୍ରାନ୍ତରେ ବନ୍ୟପ୍ରାଣୀ ବିଶେଷଜ୍ଞ ରାଜେନ୍ଦ୍ର ପାଣିଗ୍ରାହୀ କୁହନ୍ତି, କପିଳାସ ଅଭୟାରଣ୍ୟରେ ଅଧିକ ସଂଖ୍ୟକ ଅହିରାଜ ଅଛନ୍ତି। ଜଙ୍ଗଲ ବଢ଼ିଲେ ଏମାନଙ୍କ ସଂଖ୍ୟା ବଢ଼ିଥାଏ। ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର କୁହନ୍ତି, କପିଳାସ ଅଭୟାରଣ୍ୟ, ତପୋବନ ଜଙ୍ଗଲରେ ଏହି ପ୍ରଜାତି ଅଧିକ ସଂଖ୍ୟାରେ ଦେଖାଯାଆନ୍ତି। ପର୍ଯ୍ୟଟକଙ୍କ ପାଇଁ କପିଳାସ ପ୍ରାଣୀ ଉଦ୍ୟାନରେ ଗୋଟିଏ ଅହିରାଜ ରଖାଯାଇଛି। ତେବେ ସଂରକ୍ଷିତ ଜଙ୍ଗଲରେ ଏହି ପ୍ରଜାତିର ସାପଙ୍କ ସଂରକ୍ଷଣ ଲାଗି କୌଣସି ନିର୍ଦ୍ଦେଶ ଆସି ନ ଥିବା ସେ ସୂଚନା ଦେଇଛନ୍ତି।

## ବନାଗ୍ନିରେ ପ୍ରଭାବିତ ପ୍ରାକୃତିକ ଆବାସ

ପ୍ରବଳ ଗ୍ରୀଷ୍ମପ୍ରବାହ ସମୟରେ ବନାଗ୍ନି କବଳିତ ହେଉଛି ଢେଙ୍କାନାଳ ଜିଲାର ସଂରକ୍ଷିତ ଜଙ୍ଗଲ। ଗତ କିଛିବର୍ଷରେ ଏଭଳି ପ୍ରାକୃତିକ ବିପର୍ଯ୍ୟୟ ବଢ଼ିବାରେ ଲାଗିଛି। ଏଥିରେ ବିଶେଷ ଭାବେ ପ୍ରଭାବିତ ହେଉଛି ସରୀସୃପଙ୍କ ଆବାସ। ଜଙ୍ଗଲ ନିଆଁରେ ଅହିରାଜଙ୍କ ଖାଦ୍ୟ ତାଲିକାଭୁକ୍ତ ସାପ ଓ ଛୋଟ ବନ୍ୟଜୀବଙ୍କ ମୃତ୍ୟୁ ଘଟୁଛି। ବାରମ୍ବାର ପ୍ରାକୃତିକ ଆବାସସ୍ଥଳୀ ନଷ୍ଟ ହୋଇଯାଉଥିବାରୁ ସେମାନେ ଅନ୍ୟତ୍ର ଗଣପଳାୟନ କରୁଛନ୍ତି। ଏସବୁ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ଅହିରାଜଙ୍କ ପାଇଁ ଖାଦ୍ୟ ସଙ୍କଟ ସୃଷ୍ଟି କରୁଛି, ଯାହା ସେମାନଙ୍କ ବଂଶବୃଦ୍ଧିରେ ସମସ୍ୟା ସୃଷ୍ଟି କରୁଛି। ବୁଦୁବୁଦିଆ ଜଙ୍ଗଲ ସୃଷ୍ଟି, ସେଠାରେ ପର୍ଯ୍ୟାପ୍ତ ପାଣିର ବ୍ୟବସ୍ଥା କରିବା, ଜଙ୍ଗଲକୁ ବନାଗ୍ନିରୁ ସୁରକ୍ଷା ଦିଆଗଲେ ଅହିରାଜ ବଂଶ ସୁରକ୍ଷିତ ରହିପାରିବ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ କହିଛନ୍ତି।

ଏଥିସହ ଅହିରାଜଙ୍କ ବିଷୟରେ ଜନମାନସରେ ପ୍ରଚଳିତ ନକାରାତ୍ମକ ମାନସିକତା ଦୂରକରିବା ଲାଗି ବ୍ୟାପକ ଜନସଚେତନତା ସୃଷ୍ଟି, ସାପ ଦେଖିଲେ ନ ମାରି ସର୍ପ ଉଦ୍ଧାରକାରୀ ଦଳକୁ ସୂଚନା ଦେବା, ସରକାରୀସ୍ତରରେ ଜଙ୍ଗଲ ତଳି ଗ୍ରାମାଞ୍ଚଳରେ ସର୍ପ ସୁରକ୍ଷା କାର୍ଯ୍ୟକ୍ରମ ଜାରି ରଖିବା ଦ୍ୱାରା ଅନେକାଂଶରେ ସୁଫଳ ମିଳିବ ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି।

### ଖାଲଖମାରେ ଭର୍ତ୍ତି ୧୪୯ ନମ୍ବର ଜାତୀୟ ରାଜପଥ



**ପାଲଲହଡା, ୩।୮ (ଦିବ୍ୟଜ୍ୟୋତି ଦାସ)**

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ଦେଇ ଯାଇଥିବା ୧୪୯ନଂ. ଜାତୀୟ ରାଜପଥ ଦୋହରୀକରଣ କାମକୁ ୪ ବର୍ଷ ପୂରି ନ ଥିବାବେଳେ ଏହା ଶୋଚନୀୟ ହୋଇପଡ଼ିଛି। ଏହି ବ୍ୟସ୍ତବହୁଳ ରାସ୍ତା ଖାଲଖମାରେ ଭର୍ତ୍ତି ହୋଇ ମରଣଯନ୍ତା ପାଲଟିଛି। ୧୪୯ନଂ. ଜାତୀୟ ରାଜପଥ ଦୋହରୀକରଣ ପରଠାରୁ ଚର୍ଚ୍ଚାରେ ରହିଆସିଛି। କେତେବେଳ ରାସ୍ତା କଡରେ ଥିବା ଶୃଙ୍ଖଳା ଗଛପଡି ପଥଚାରୀଙ୍କ ମୃତ୍ୟୁ ଘଟୁଛି ତ ଗର୍ତ୍ତରେ ପଡ଼ି ବାଇକ ଚାଳକ ପ୍ରାଣ ହରାଉଛନ୍ତି। ଅଭିଯୋଗ କଲେ ବିଭାଗ ପକ୍ଷରୁ କ୍ରଶର ଗୁଣ୍ଡ ଏବଂ ମାଟି ପକାଇ କାମତୁଲ କରି ଦିଆଯାଉଥିବା ଅଭିଯୋଗ ହୋଇଛି। ପାଲଲହଡାଠାରେ ଏନ୍‌ଏଚ୍‌ଏଆଇ କାର୍ଯ୍ୟାଳୟ ଥିଲେ କେହି ମରାମତି ଦାୟିତ୍ୱ ନେଉନାହାନ୍ତି। ମରାମତି କରାଯିବ କହି କର୍ମଚାରୀ ଦୋଷ ଛଡ଼ାଇ ନେଉଛନ୍ତି। ଗତ ମାସରେ ୫-ଟି ସଚିବଙ୍କ ଗସ୍ତ ପାଇଁ ଏହି ରାଜପଥରେ କ୍ରଶର ଗୁଣ୍ଡ ପକାଇ ତରବରିଆ ଭାବେ ମରାମତି କରାଯାଇଥିଲା। ତେବେ ଲଗାଣ ବର୍ଷାରେ ବିଭିନ୍ନ ସ୍ଥାନରେ ପୁନର୍ବାର ଆଣ୍ଠୁଏ ଖାଲ ହୋଇଛି। ସୂଚନା ଯୋଗ୍ୟ, ରାସ୍ତା ନିର୍ମାଣରେ ହୋଇଥିବା ଖର୍ଚ୍ଚ ଆଦାୟ ପାଇଁ ଖମାରଠାରେ ଟୋଲ୍ ବୁଥ୍ କରାଯାଇଛି। ନିୟମ ଅନୁଯାୟୀ ଅର୍ଥ ଆଦାୟ କରାଯାଉଛି। କିନ୍ତୁ ରାସ୍ତା ମରାମତି କରିବା କଥା କର୍ତ୍ତୃପକ୍ଷ ଭୁଲି ଯାଇଛନ୍ତି, ଯାହାକୁ ନେଇ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ଏ ସମ୍ପର୍କରେ ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀଙ୍କୁ ଫୋନଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା।

## ସାଇବର ଅପରାଧ ନିରାକରଣ କର୍ମଶାଳା



**ହିନ୍ଦୋଳ, ୩।୮ (ବ୍ରହ୍ମାନନ୍ଦ ପଟ୍ଟନାୟକ)**

ଭାରତ ସରକାରଙ୍କ ଟ୍ରାଇ ସହଯୋଗରେ ଉପଭୋକ୍ତା ଓକିଲାତି ଗୋଷ୍ଠୀ ପକ୍ଷରୁ ଟେଲିକମ୍ ଓ ସାଇବର ଅପରାଧ ନିରାକରଣ ସମ୍ପର୍କିତ ଗ୍ରାହକ ସଚେତନତା କର୍ମଶାଳା ହିନ୍ଦୋଳସ୍ଥିତ ଏନ୍‌ଏସି ଟାଉନ ହଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କାର୍ଯ୍ୟନିର୍ବାହୀ ଅଧିକାରୀ ଏମ. ଶ୍ରୀନିବାସ, ସମ୍ମାନିତ ଅତିଥି ଭାବେ ଓଡ଼ିଶା ଖାଉଟି କଲ୍ୟାଣ ବିଭାଗର ବିଶ୍ୱମୋହନ ବାଗ୍ ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଭାରତ ସଞ୍ଚାର ନିଗମର କାମଳାକାନ୍ତ ବୋଇ, ଏୟାରଟେଲ୍‌ର ମହେଶ ବେହେରା, ଜିଓ ଟେଲିକମ୍‌ର ସତ୍ୟଜିତ୍ ଜେନା ଯୋଗଦେଇ ଗ୍ରାହକଙ୍କ ସମସ୍ୟା, ସମାଧାନ ଉପରେ ଆଲୋକପାତ କରିଥିଲେ। କର୍ମଶାଳାରେ ବହୁ ବୁଦ୍ଧିଜୀବୀ, ମହିଳା ଗୋଷ୍ଠୀ ସଦସ୍ୟା, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ପ୍ରମୁଖ ଯୋଗଦେଇଥିଲେ। ଲିଲି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଚୋରି ମାମଲାରେ ୨ ଗିରଫ

**ଅନୁଗୋଳ, ୩।୮ (ଅମିତ କୁମାର ସାମଲ)**

ଅନୁଗୋଳ ସହର ବିଇଡି ଛକ ନିକଟ ଜନସ୍ୱାସ୍ଥ୍ୟ ବିଭାଗ ପାଇପ୍ ଷ୍ଟକ୍‌ୟାର୍ଡରୁ ପାଇପ୍ ଚୋରି ହୋଇଥିଲା। ଏ ନେଇ ବିଭାଗର ଆସିଷ୍ଟାଣ୍ଟ ଇଞ୍ଜିନିୟର କାଳିନ୍ଦୀ ଚରଣ ସାମଲ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୩୪୯/୨୩ରେ ମାମଲା ରୁଜୁ କରିଥିଲା। ଏହି ଘଟଣାରେ ଏକ ଟ୍ରକ୍ ଜବତ ହୋଇଥିଲା। ଗାଡ଼ି ଚାଳକ ଓ ହେଲପରଙ୍କୁ ଅଟକ ରଖାଯାଇଥିଲା। ଗୁରୁବାର ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଗିରଫ ହୋଇଥିବା ଅଭିଯୁକ୍ତ ଖଲାରୀ ମାଟିଆ ସାହିର ସରୋଜ ପ୍ରଧାନ (୩୦)ଓ ପ୍ରେମ ଚୌଧୁରୀ (୨୩) ବୋଲି ଥାନାଧିକାରୀ ପ୍ରଭାତ ତ୍ରିପାଠୀ ସୂଚନା ଦେଇଛନ୍ତି। ଏଥିସହ ଅଟକ ଥିବା ଟ୍ରକ୍ ଚାଳକ ଓ ହେଲପରଙ୍କୁ ଛାଡ଼ି ଦିଆଯାଇଛି।

## ମହାବୀର ବଜାର ଲକ୍ଷ୍ମୀପୂଜା କମିଟି ବୈଠକ

### ଦୀପକ ସଭାପତି, ଜ୍ଞାନେନ୍ଦ୍ର ସମ୍ପାଦକ



ଦୀପକ ପ୍ରସାଦ ପଟ୍ଟନାୟକ।



ଜ୍ଞାନେନ୍ଦ୍ର ବେହେରା।

**ଢେଙ୍କାନାଳ, ୩।୮ (ରତନ ନାୟାର)**

ଢେଙ୍କାନାଳ ମହାବୀର ବଜାର ମହାଲକ୍ଷ୍ମୀପୂଜା କମିଟି ସାଧାରଣ ବୈଠକ ଓ କର୍ମକର୍ତ୍ତା ଚୟନ ସ୍ଥାନୀୟ ଶ୍ରୀ ହନୁମାନଜୀଉ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଦୀପକ ପ୍ରସାଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସାଧାରଣ ସଭାରେ ସମ୍ପାଦକ ଜ୍ଞାନେନ୍ଦ୍ର ବେହେରା ଗତବର୍ଷର ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ।

ଚଳିତବର୍ଷ ପୂଜା ପରିଚାଳନା ନିମନ୍ତେ ସର୍ବସମ୍ମତିକ୍ରମେ ପୁନର୍ବାର ସଭାପତି ଭାବେ ଦୀପକ ପ୍ରସାଦ ପଟ୍ଟନାୟକ, ସମ୍ପାଦକ ଭାବେ ଜ୍ଞାନେନ୍ଦ୍ର ବେହେରା ମନୋନୀତ ହୋଇଛନ୍ତି। ଏଥିସହ ଉପସଭାପତି ଲକ୍ଷ୍ମୀଧର ଦଳେଇ, ସହସମ୍ପାଦକ ମିଲନ ସିଂ, ରାକେଶ ପଟ୍ଟନାୟକ, କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ମୁଖ୍ୟ ଉପଦେଷ୍ଟା କୈଳାସ ଚନ୍ଦ୍ର ମହାପାତ୍ର, ନାରାୟଣ ରଗଡ଼ ନିର୍ବାଚିତ ହୋଇଛନ୍ତି। ୨୦୨୪ରେ ଅନୁଷ୍ଠାନ ୭୫ବର୍ଷ ପୂର୍ତ୍ତି ପାଳନ କରିବ। ଏହି ପରିପ୍ରେକ୍ଷୀରେ ଅନୁଷ୍ଠାନକୁ ଚାନ୍ଦିମେଢ଼ କ୍ଲବରେ ସାମିଲ କରିବା ପାଇଁ ନିଷ୍ପତ୍ତି ହୋଇଛି। ପୂଜା କମିଟି ସଦସ୍ୟଙ୍କ ସହଯୋଗରେ ଆକର୍ଷଣୀୟ ପୂଜା କରିବା ଲାଗି ସହମତି ପ୍ରକାଶ ପାଇଛି। ବଜାର କ୍ଲବ ଘର ମରାମତି ପାଇଁ ମିଲନ ସିଂଙ୍କ ନେତୃତ୍ୱରେ ଏକ କମିଟି ଗଠନ କରାଯାଇଛି। ପ୍ରଶାନ୍ତ ସାହୁ ଧନ୍ୟବାଦ ଦେଇଥିଲେ।

## ସମୟାନୁବର୍ତ୍ତିତାକୁ ଗୁରୁତ୍ୱ

**କାମାକ୍ଷାନଗର, ୩।୮ (ଅମଜାଦ୍ ଖାନ୍)**

କାମାକ୍ଷାନଗରସ୍ଥିତ ଯୁକ୍ତ୨ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ନବାଗତ ଛାତ୍ରୀଙ୍କୁ ନେଇ ସ୍ୱାଗତ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ନିଗମାନନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ନୂତନ ଭାବେ ନାମ ଲେଖାଇଥିବା ଛାତ୍ରୀଙ୍କୁ ଫୁଲ, ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା। ବରିଷ୍ଠ ଛାତ୍ରୀଙ୍କ ସହ ସମନ୍ୱୟ ରଖିବା, ସମୟାନୁବର୍ତ୍ତୀ ହୋଇ ପାଠ ପଢ଼ିବା, ସମସ୍ତ ନୀତିନିୟମ ମାନି ଚଳିବା, କଲେଜକୁ ମୋବାଇଲ ନ ଆଣିବା ପାଇଁ ଅଧ୍ୟକ୍ଷ ସାହୁ ପରାମର୍ଶ ଦେଇଛନ୍ତି। ସମ୍ମାନିତ ଅତିଥି ଭାବେ ଆଇନଜୀବୀ ବିମଳ ଚନ୍ଦ୍ର ବିଶ୍ୱାଳ, ଡାକ୍ତର ନୃସିଂହ ଚରଣ ପଟ୍ଟନାୟକ ଉପସ୍ଥିତ ଥିଲେ। ଅତିଥିମାନଙ୍କ ଦ୍ୱାରା ଗାୟତ୍ରୀ ପରିବାରର 'ଅଖଣ୍ଡଜ୍ୟୋତି ପୁସ୍ତକ' ବଣ୍ଟନ କରାଯାଇଥିଲା। ଅଧ୍ୟାପକ ଜୀବନାନନ୍ଦ ସ୍ୱାଇଁ, ଅଧ୍ୟାପିକା ଦୀପ୍ତିରେଖା ଦ୍ୱିବେଦୀ, ମିନତି ନାୟକ, ନିବେଦିତା ମହାପାତ୍ର, ସଙ୍ଗୀତାରାଣୀ ମହାପାତ୍ର, ମିନାକ୍ଷୀ ମହାରଣା, ସ୍ୱାଗତିକା ନନ୍ଦ, ସସ୍ମିତା ସାହୁ, ମରାଳମାଳିନୀ ନନ୍ଦ, ଗାୟତ୍ରୀ ପଟ୍ଟନାୟକ, ରୀନାରାଣୀ ଭୂୟାଁଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ନୂତନ ସଦସ୍ୟଙ୍କୁ ନେପୁର ସମ୍ବର୍ଦ୍ଧନା

**ବଣ୍ଡଁରପାଳ, ୩।୮ (ଉପେନ୍ଦ୍ର ରାଉତ)**

ଅନୁଗୋଳ ଜିଲା ନାଲ୍‌କୋ ପ୍ରୋଗ୍ରେସିଭ ଏମ୍ପ୍ଲୋଇଜ ୟୁନିୟନ (ନେପୁ)ର ନାଲ୍‌କୋସ୍ଥିତ କାର୍ଯ୍ୟାଳୟରେ ଗୁରୁବାର ଏକ ମିଶ୍ରଣ ପର୍ବ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନେପୁ ସଭାପତି ତଥା ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଅନୁଗୋଳ ଓକିଲ ସଂଘ ସଭାପତି ଦିଲୀପ ସାହୁ ଯୋଗ ଦେଇଥିଲେ। ଏହି ଅବସରରେ ନାଲ୍‌କୋ ସ୍ମେଲଟର ପ୍ଲାଣ୍ଟର ଅନ୍ୟ ସଙ୍ଗଠନର ବହୁ କର୍ମକର୍ତ୍ତା ନେପୁରେ ଯୋଗଦାନ କରିଥିଲେ। ନୂତନ ଭାବେ ଯୋଗଦାନ କରିଥିବା ବସନ୍ତ କୁମାର ନାୟକ, ସଞ୍ଜୟ କୁମାର ବେହେରା, ବିନୋଦ ବେହେରା ପ୍ରମୁଖଙ୍କୁ ନେପୁ ସଭାପତି ପ୍ରଧାନ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସେହିପରି ଚାକିରିରୁ ଅବସର ନେଇଥିବା ନେପୁ କାର୍ଯ୍ୟକାରୀ ସଭାପତି ଅଜୟ କୁମାର ଦାସ, ବରିଷ୍ଠ ନେତା ବିଜୟ କୁମାର ସେଠୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।



ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି, ନେପୁ କର୍ମକର୍ତ୍ତାଙ୍କ ସହ ନୂତନ ସଦସ୍ୟମାନେ।

ନେପୁ ସାଧାରଣ ସମ୍ପାଦକ ବୈରାଗୀ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକାରୀ ସଭାପତି ଶରତ ବେହେରା ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକାରୀ ସଭାପତି ମାଙ୍ଗିଲାଲ ଧନ୍ୟବାଦ ଦେଇଥିଲେ। ସର୍ବସିଦ୍ଧି ବାଗ, କ୍ଷୀରୋଦ ସାହୁ, ସ୍ୱରୂପ ଗଡ଼ନାୟକ, ସତ୍ୟଜିତ୍ ବିଶ୍ୱାଳ, ଜଗନ୍ନାଥ ସେଠ, ବବୁ ସାହୁ, ବିମଳ ସାମନ୍ତ, ଜିତେନ୍ଦ୍ର ଜେନା, ସିଦ୍ଧେଶ୍ୱର ପ୍ରଧାନ, ବଳରାମ ପ୍ରଧାନ, ଦୀପକ ସାମନ୍ତସିଂହ, ଦୀପକ ସ୍ୱାଇଁ, ଲୁଲୁ ସାହୁ, ରାହାସ ସାହୁ, ପ୍ରଦୀପ ବେହେରା, ରଞ୍ଜନ ରାଉତଙ୍କ ସମେତ ନେପୁର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

